ଧରିତ୍ରୀ
DHARITRI
August 4-10, 2019 ₹2/-

# ଛୁଟିଦିନ



# ବନ୍ଧୁ

୪ ପ୍ରଚ୍ଛଦ ପ୍ରସଙ୍ଗ



ପ୍ରତ୍ୟେକଙ୍କ ଜୀବନରେ କେହି ନା କେହି ବନ୍ଧୁ ରହିଥାନ୍ତି। ହେଲେ କିଛି ଭାଗ୍ୟବାନ୍ ଲୋକଙ୍କ ଭାଗ୍ୟରେ ଏମିତି ବନ୍ଧୁ ଆସିଥାନ୍ତି, ଯେଉଁମାନେ ବିପଦରେ ପଡ଼ିଥିବା ବନ୍ଧୁ ପାଇଁ ଯେକୌଣସି ପରିସ୍ଥିତିକୁ ସାମ୍ନା କରିବାକୁ ସଦା ତତ୍ପର ଥା’ନ୍ତି। ସେମିତି କେତେଜଣଙ୍କ ବନ୍ଧୁତା ସମ୍ପର୍କରେ ...




୩ ବନ୍ଧୁ ପାଇଁ ଉପହାର

ସିନେମା ୮/୯



୧୩ ସହରଠୁ ଦୂର

# ରେନ୍‌ବୋ ଭିଲେଜ୍



**ପୃ**ଥିବୀରେ ଏଭଳି ଅନେକ ସ୍ଥାନ ରହିଛି, ଯାହା ଦେଖିବାକୁ ଅନ୍ୟ ସ୍ଥାନଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ନିଆରା। ସେହିଭଳି ଏକ ସ୍ଥାନ ହେଉଛି ତାଇୱାନର ନାନ୍‌ଟୁନ୍ ଜିଲାରେ ଥିବା ତାଇଚୁଙ୍ଗର ଏକ ଗାଁ। ଏହି ଗାଁ ରେନ୍‌ବୋ ଭିଲେଜ୍ ଭାବେ ବେଶ୍ ପରିଚିତ। ତାଇୱାନକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଏହି ଗାଁକୁ ଯିବାକୁ ଆଦୌ ଭୁଲନ୍ତି ନାହିଁ। ଏହି ଗାଁର ବିଶେଷତ୍ୱ ହେଉଛି, ଏହା ସମ୍ପୂର୍ଣ୍ଣ ଭାବେ ଚିତ୍ରିତ ହୋଇଛି ରଙ୍ଗବେରଙ୍ଗର ପେଣ୍ଟିଂରେ। ପୂର୍ବରୁ ଏହି ଗାଁ ଏକ ସାମରିକ ସ୍ଥଳୀ ଥିଲା। କାଳକ୍ରମେ ଏହା ଅବହେଳିତ ଅବସ୍ଥାରେ ପଡିରହିଲା। ତେବେ ସେହି ଗ୍ରାମରେ ବାସ କରୁଥିବା ହୁଆଙ୍ଗ-ୟଙ୍ଗ-ଫୁ ନାମକ ଜଣେ ସେନା ଅଧିକାରୀ ଏହାର ପୁନରୁଦ୍ଧାର କଥା ଚିନ୍ତା କରି ନିଜ ଘର ତଥା ଆଖପାଖ ଘରଗୁଡିକୁ ବିଭିନ୍ନ ରଙ୍ଗ ବେରଙ୍ଗର ପେଣ୍ଟିଂରେ ସଜେଇବା ଆରମ୍ଭ କଲେ। ହୁଆଙ୍ଗ- ୟଙ୍ଗଙ୍କ ଏଭଳି ଚିତ୍ରକଳାରେ ପ୍ରଭାବିତ ହୋଇ ସ୍ଥାନୀୟ ମେୟର ଏକ୍ଷେତ୍ରରେ ତାଙ୍କୁ ବିଶେଷ ଭାବେ ସହାୟତା ପ୍ରଦାନ କଲେ। ଫଳସ୍ୱରୂପ ତାଇଚୁଙ୍ଗର ଏହି ଗାଁଟି ସମ୍ପୂର୍ଣ୍ଣ ଭାବେ ବିଭିନ୍ନ ପେଣ୍ଟିଂ ଦ୍ୱାରା ଚିତ୍ରିତ ହୋଇ ଏକ ନୂତନ ପରିଚୟ ଲାଭ କଲା।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅଗଷ୍ଟ ୪-୧୦**



**ମେଷ:** ଶାରୀରିକ ଅସୁସ୍ଥତା, ଧୈର୍ଯ୍ୟଚ୍ୟୁତି, ପ୍ରଶାସନିକ ସହାୟତା, ପବ୍ଲିକେଶନରେ ସମସ୍ୟା। ପାରିବାରିକ ପ୍ରତିବନ୍ଧକ, ବାଣିଜ୍ୟରେ କ୍ଷତି, ଜମିଜମା ଲାଭ, ବନ୍ଧୁଙ୍କ ସମର୍ଥନ, ମନୋରଞ୍ଜନ, କଳା-ସାହିତ୍ୟରୁ ପ୍ରଶଂସା।

**ବୃଷ:** ପାରିବାରିକ ସୁଖସମୃଦ୍ଧି, ମାନସିକ ସ୍ଥିରତା, ପରିବହନରେ ପ୍ରତିବନ୍ଧକ। ଶିଳ୍ପ, ବାଣିଜ୍ୟରେ ଉନ୍ନତି, ଆର୍ଥିକ ଉନ୍ନତି, ଗବେଷଣାରେ ଅଗ୍ରଗତି, ପ୍ରଶାସନିକ ସଫଳତା, କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି।

**ମିଥୁନ:** ସ୍ୱାସ୍ଥ୍ୟଗତ ବୈଷମ୍ୟ, ନୂତନ ବନ୍ଧୁତ୍ୱର ବନ୍ଧନ, ଯାନବାହନ ଲାଭ, ଅଳଙ୍କାର-ବସ୍ତ୍ରଭୂଷଣାଦି କ୍ରୟ, ପାରିବାରିକ ସମସ୍ୟା, ନୂତନସ୍ଥାନ ଭ୍ରମଣ, ଶିକ୍ଷା-ପରୀକ୍ଷାରେ କୃତିତ୍ୱ, ବିବାଦର ସମାଧାନ, କାର୍ଯ୍ୟହାନିରୁ କ୍ଷୋଭ।

**କର୍କଟ:** ମାନସିକ ଚାପବୃଦ୍ଧି, ପାରିବାରିକ ଶୃଙ୍ଖଳା, ସହକର୍ମୀଙ୍କ ଅସହଯୋଗ, ଅର୍ଥନୈତିକ ବିବାଦ, ବ୍ୟବସାୟ ସଙ୍କୁଚିତ, ସ୍ୱଜନଙ୍କ ପରଶ୍ରୀକାତରତା, ଅର୍ଥ ସଂକଟ, ବାଣିଜ୍ୟର ଅଭିବୃଦ୍ଧି, ବିଦେଶଯାତ୍ରା।

**ସିଂହ:** ଅତୀତ ଘଟଣା ପାଇଁ ଦୁଶ୍ଚିନ୍ତା, ଅସ୍ଥିରତା, ମିଥ୍ୟା ଅଭିଯୋଗ, ପଡୋଶୀଙ୍କ ସହୃଦୟତା, ଶିଳ୍ପବାଣିଜ୍ୟର ଅଭିବୃଦ୍ଧି। ଶେୟାର ବଜାରରୁ ଲାଭ, ମାଲିମକଦ୍ଦମାରେ ବିଜୟ, ବ୍ୟୟବୃଦ୍ଧି। ପଡ଼ୋଶୀଙ୍କ ଅସହିଷ୍ଣୁ ବାକ୍ୟାଳାପ।

**କନ୍ୟା:** ସୁଯୋଗ ହରାଇବେ, ମନସ୍ତାପ, ଆର୍ଥିକ ଦୁରବସ୍ଥା, ପରିବାରରେ ମତାନ୍ତର, ଶିକ୍ଷାରେ ଉନ୍ନତି, ଗବେଷଣାରେ ପ୍ରତିବନ୍ଧକ, ବିଦେଶ ଯାତ୍ରାର ସୁଯୋଗ, ସାଂଗଠନିକ ସଫଳତା, ଅପ୍ରିୟସତ୍ୟରୁ କଳହ।



**ତୁଳା:** ସମସ୍ୟା ସମାଧାନ, ଚେଷ୍ଟାରେ ବିଫଳତା, ଦୈହିକ ଦୁର୍ବଳତା, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ଆମଦାନୀ କାରବାରରେ ବାଧା, ଜମିଜମା କଳହ, ଚଳଚ୍ଚିତ୍ରରେ ସଫଳତା, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ।

**ବିଛା:** ଶାରୀରିକ ସୁସ୍ଥତା, ଆତ୍ମୀୟମାନଙ୍କ ଆତ୍ମୀୟତା, ଅଧସ୍ତନ କର୍ମଚାରୀଙ୍କ ଅନୁରକ୍ତି, ପରିସ୍ଥିତିର ତାଡନା। ରାଜନୀତିରେ ମନସ୍ତାପ, ନୂତନ ପ୍ରକଳ୍ପାରମ୍ଭ, ଫ୍ଲାଟିଙ୍ଗ୍ କାରବାରରୁ ଲାଭ, ପ୍ରତିଯୋଗିତାରେ ସଫଳତା, ନୂତନ ବନ୍ଧୁ ସମ୍ପର୍କ।

**ଧନୁ:** ସମନ୍ୱୟର ଅଭାବ, ମାନସିକ ଅସ୍ଥିରତା, ଅର୍ଥନୈତିକ ଅଭିବୃଦ୍ଧି, ପାରିବାରିକ ସୌଖ୍ୟ, ସମ୍ପର୍କ ଫିକା ପଡିଯିବ, କଚେରି ମାମଲାରେ ବାଇଦା, ସଙ୍ଗୀତ ଆସର, ଭ୍ରମଣ ସୁଯୋଗ, ସନ୍ତାନ ହେତୁକ ଦୁଶ୍ଚିନ୍ତା।

**ମକର:** ଅର୍ଥର ପ୍ରାଚୁର୍ଯ୍ୟ, ବିବାଦରେ ବିଜୟ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ନୂତନ ଯୋଜନାରମ୍ଭ, ସଂକୁଚିତ ବ୍ୟବସାୟ, ପାରିବାରିକ ଦ୍ୱନ୍ଦ୍ୱ, ଋଣ ପରିଶୋଧ। ଜମିଜମା କ୍ରୟ ବିକ୍ରୟ, ଧର୍ମକାର୍ଯ୍ୟରେ ବିଘ୍ନ, ନୂତନ ଚାକିରି ମିଳିପାରେ।

**କୁମ୍ଭ:** କାର୍ଯ୍ୟସିଦ୍ଧି, ମିତ୍ରଲାଭ, ବିବାଦର ଫଇସଲା, ଆର୍ଥିକ ପ୍ରଗତି, ନୂତନ ଗୃହ ନିର୍ମାଣ, ବ୍ୟବସାୟିକ ଉତ୍କର୍ଷ, ସରକାରୀ ସହାୟତା, ଉଚ୍ଚଶିକ୍ଷାର ସୁଯୋଗ, ଆତ୍ମୀୟଙ୍କ ଅସହଯୋଗ, ନୂତନ ପ୍ରକାଶନରୁ ଆନନ୍ଦ, ପୂର୍ବ ପରିକଳ୍ପିତ କାର୍ଯ୍ୟାରମ୍ଭ, ଅଳଙ୍କାରାଦି କ୍ରୟ।

**ମୀନ:** ପରୋକ୍ଷ ଶତ୍ରୁତା, କାମସ୍ଥଗିତ ରହିବ, ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି, ଗୁରୁଜନଙ୍କ ପରାମର୍ଶ। ସହକର୍ମୀଙ୍କ ସହଯୋଗ, ଖର୍ଚ୍ଚଭାର ବୃଦ୍ଧି। ନୂତନ ବନ୍ଧୁ ସମ୍ପର୍କ, କ୍ରୀଡ଼ାରେ କୃତିତ୍ୱ, ଯାତ୍ରାରେ ସମସ୍ୟା, ଅପରିଚିତଙ୍କ ସହ କଳହ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ।

# ରାଶି ଅନୁଯାୟୀ ପେଟ୍

ମେଷ: ସ୍ୱାଧୀନତାପ୍ରିୟ ତଥା ସାହସୀ ଗୁଣ ଥିବା ଏହି ରାଶିର ବ୍ୟକ୍ତିମାନେ ଲାବ୍ରାଡର କୁକୁର ରଖିବା ଶୁଭପ୍ରଦ ହୋଇଥାଏ।

ବୃଷ: ସ୍ନେହି ସ୍ୱଭାବର ହୋଇଥିବା ଏହି ରାଶିର ବ୍ୟକ୍ତିବିଶେଷଙ୍କ ଲାଗି ବିଲେଇ ଏକ ଉତ୍ତମ ପୋଷାଜୀବ।

ମିଥୁନ: ଆଳାପୀ ତଥା ଉତ୍‌ଫୁଲ୍ଲ ସ୍ୱଭାବର ହୋଇଥିବା ଏହି ରାଶିର ବ୍ୟକ୍ତିଙ୍କ ଲାଗି ଶୁଆ ଏକ ଶୁଭପ୍ରଦ ପୋଷା ଜୀବ।

* କର୍କଟ: କର୍କଟ ରାଶିର ବ୍ୟକ୍ତି ସାଧାରଣତଃ ଆବେଗପ୍ରବଣ ତଥା ସମ୍ବେଦନଶୀଳ ହୋଇଥାନ୍ତି ତେଣୁ ଏହି ବ୍ୟକ୍ତି ବିଶେଷଙ୍କ ଲାଗି ଧଳା ମୂଷା ବା ଗିନିପିଗ୍ ପାଳିବା ଶୁଭପ୍ରଦ ହୋଇଥାଏ।
* ସିଂହରାଶିର ବ୍ୟକ୍ତିମାନେ ରାଜକୀୟ ଶୈଳୀରେ



ଜୀବନଯାପନ କରିବାକୁ ପସନ୍ଦ କରନ୍ତି ତେଣୁ ଏମାନେ ଘୋଡାକୁ ଅତି ଶୀଘ୍ର ପୋଷା ମନେଇପାରିଥାନ୍ତି ତଥା ବିଲେଇ ପାଳିବା ବି ଏମାନଙ୍କ ଲାଗି ଶୁଭ ସାବ୍ୟସ୍ତ ହୋଇଥାଏ।
* ପରିଚ୍ଛନ୍ନତା ତଥା ବ୍ୟବସ୍ଥିତ ରହିବାକୁ ପସନ୍ଦ କରୁଥିବା କନ୍ୟା ରାଶିର ବ୍ୟକ୍ତିମାନଙ୍କ ଲାଗି ମାଛ ଏକ ଉତ୍ତମ ପୋଷା ଜୀବ।

(ଆରଥରକୁ...)

# ପାଠକୀୟ

❖ଓଡ଼ିଶାରେ ଏମିତି କେତେକ ଶିକ୍ଷାନୁଷ୍ଠାନ ରହିଛି, ଯାହାର ନାଁ ଶୁଣିବାକୁ ମଜାଳିଆ ଲାଗିଥାଏ। ହେଲେ ଏପରି ନାମକରଣ ପଛରେ ରହିଥାଏ କିଛି କଥା ଓ କାହାଣୀ। ସେମିତି କିଛି ଶିକ୍ଷାନୁଷ୍ଠାନକୁ ନେଇ ପ୍ରସ୍ତୁତ କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଏମିତି ନାଁରେ ସ୍କୁଲ' ଆଲେଖ୍ୟଟି ଖୁବ୍ ସୁନ୍ଦର ହୋଇଥିଲା। 'ଭାଗ୍ୟ ଖୋଲିଦେବ ଏହି ଗଛ' ଏବଂ 'ପକ୍ଷୀ ବସା ଭଳି ରେସ୍ତୋରାଁ' ଆଦି ପାଠରୁ ଅନେକ ଅଜଣା କଥା ଶିଖିବାକୁ ମିଳିଲା।

*-ସାଗର ସାହୁ, କୁହୁଡ଼ି, ଖୋର୍ଦ୍ଧା*

❖ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଏମିତି ନାଁରେ ସ୍କୁଲ' ପାଠଟି ଏକ ନିଆରା ବିଷୟ ଥିଲା। 'ଅଜବ ୱାଟରିଂ କ୍ୟାନ୍' ପାଠଟିରୁ ଅନେକ ଅଜବ ଡିଜାଇନ୍‌ର ୱାଟରିଂ କ୍ୟାନ୍ ସମ୍ପର୍କରେ ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ସମାଜ ସଚେତକ ସ୍ରଷ୍ଟା ମୁଲକରାଜ୍ ଆନନ୍ଦଙ୍କ ସମ୍ପର୍କରେ ଅନେକ ଅଜଣା କଥା ଜାଣି ଖୁସି ଲାଗିଲା। ସେହିପରି ସୃଜନପୃଷ୍ଠାରୁ 'ରାଜା ଆସୁଛନ୍ତି' ଗପଟି ପଢ଼ିଲି, ଭାରି ଭଲ ଲାଗିଲା।

*-ତନୁଜା ଦାଶ, ରାୟଗଡ଼, ଛତିଶଗଡ଼*

❖ସିନେମା ପୃଷ୍ଠାରେ ସ୍ଥାନିତ ଟାଇଗର ଶ୍ରଫ୍‌ଙ୍କ ଆକ୍ସନଭିତ୍ତିକ ଫଟୋଟି ଖୁବ୍ ସୁନ୍ଦର ହୋଇଥିଲା। ସେହିପରି 'ଅକ୍ଷୟଙ୍କ ନୂଆ ଅବତାର' ଏବଂ 'ଟେନ୍‌ସନରେ ସାରା' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ଭଲ ଥିଲା। ଏଥରର ସାଥୀର ହେଡିଂ 'ପ୍ରେମିକା ନୁହେଁ ସେ ଉଡ଼ନ୍ତା ପରୀ, ଘଡ଼ିଏ ପରମାନେଣ୍ଟ ଘଡ଼ିଏ ଟେମ୍ପରାରି' ବେଶ୍ ରୋମାଣ୍ଟିକ୍ ଲାଗୁଥିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ 'ପରଜଙ୍ଗ ତହସିଲଦାର ଜୟନ୍ତ ଜୟସିଂହ'ଙ୍କ ରୋଜଗାର ସମ୍ପର୍କିତ ଲେଖାଟି ଏକ ପ୍ରେରଣାଦାୟୀ ବିଷୟ ଥିଲା।

*-ରାକେଶ ସାହୁ, ସାତଶଙ୍ଖ, ପୁରୀ*

❖ବାଲେଶ୍ୱରରୁ ବଲିଉଡ୍‌ର ରାସ୍ତା ଅତିକ୍ରାନ୍ତ କରିଥିବା ଅଭିନେତା ରତିକାନ୍ତ କାମିଲାଙ୍କ କଷ୍ଟପୂର୍ଣ୍ଣ ଜୀବନ କାହାଣୀଟି ମୋ ମନକୁ ବେଶ୍ ଛୁଇଁଗଲା। ମଡେଲ ମିରର୍‌ରେ ଆଶିଷ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ ପ୍ରାକୃତିକ ବୈଭବରେ ଭରା ଅଲ୍‌ଛି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା।

*-ଗୁରୁପ୍ରସାଦ ସେନାପତି, ରେଙ୍ଗାଲି, ସମ୍ବଲପୁର*

❖ବିବିଧା ପୃଷ୍ଠାରେ ସ୍ଥାନିତ 'ପଲିଥିନ୍‌ରେ ବନ୍ଧାହୋଇ ନଦୀ ପାରହୁଅନ୍ତି ସ୍କୁଲ ପିଲା' ଏବଂ ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'କେକ୍‌ର ମାଷ୍ଟରପିସ୍' ଏବଂ 'ଓଲଟା ପ୍ୟାଣ୍ଟ ଫ୍ୟାଶନ' ଆଦି ପାଠ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ଅନ୍ୟପକ୍ଷେ ଯାତ୍ରା ପୃଷ୍ଠାଟି ବି ବେଶ୍ ଆକର୍ଷଣୀୟ ଲାଗୁଥିଲା। ଖାସ୍ କରି ଏଥିରେ ସ୍ଥାନିତ ପୂଜାଙ୍କ ଫଟୋଟି ବହୁତ ସୁନ୍ଦର ହୋଇଥିଲା।

*-ଜୟନ୍ତ ଷଡ଼ଙ୍ଗୀ, ରାଉରକେଲା*

## ବିଶେଷ ଚିଠି



**ସା**ତଦିନରୁ ରବିବାର ଅଟେ ଖାସ୍ ଦିନ
କାରଣ ସେଦିନ ମିଳେ ପ୍ରିୟ ଛୁଟିଦିନ,
ଭାରି ଭଲ ଲାଗେ ଏହାର ପ୍ରଚ୍ଛଦ, ବ୍ୟକ୍ତିତ୍ୱ, ସୃଜନ
ମନେପକାଇ ଦିଏ ସେ ଅଭୁଲା ଦିନ।
ସିନେମା, ହସକଥା ଆଉ କାର୍ଟୁନ ଲାଗେ ଭାରି ନିଆରା
ସେମିତି ପ୍ରଥମ ରୋଜଗାର ଦିଏ ଅନେକ ପ୍ରେରଣା
ଛୁଟିଦିନ ତୁମେ ଏମିତି ସବୁବେଳେ ଆସୁଥା'
ସଭିଙ୍କୁ ଏମିତି ଅପାର ଆନନ୍ଦ ବାଣ୍ଟୁଥା।
**-ପ୍ରଭୁଦତ୍ତ ଦାଶ, କଟକ ରୋଡ୍, ଭୁବନେଶ୍ୱର**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795




# ବନ୍ଧୁ ପାଇଁ ଉପହାର







**ଆଜି ହେଉଛି ବନ୍ଧୁତା ଦିବସ। ଏହାକୁ ପାଳନ କରିବା ପାଇଁ ଆଗରୁ ପ୍ଲାନିଂ ସରିଥିବ। କେହି କେହି ଉପହାର ବି ଆଣି ରଖିଥିବେ। ତେବେ ଯେଉଁମାନେ ଏପର୍ଯ୍ୟନ୍ତ କ'ଣ ଉପହାର ଦେବେ ଭାବିପାରୁ ନାହାନ୍ତି, ସେମାନେ ନିମ୍ନୋକ୍ତ ଉପହାର ତାଲିକାରୁ କିଛିକୁ ଆପଣେଇ ପାରିବେ...**

**ପର୍ସନାଲାଇଜ୍‌ଡ କଫି ମଗ୍‌–** ପ୍ରିୟ ବନ୍ଧୁଙ୍କ ମୁହଁରେ ଆନନ୍ଦର ଲହରି ଦେଖିବାକୁ ଚାହୁଁଥିଲେ, ଏମିତି କିଛି ଉପହାର ଦିଅନ୍ତୁ, ଯାହା ସୃଜନଶୀଳ ହୋଇଥିବ। ପର୍ସନାଲାଇଜ୍‌ଡ କଫି ମଗ୍ ହେଉଛି ସେମିତି ଏକ ଉପହାର, ସେଥିରେ ଆପଣ ବନ୍ଧୁଙ୍କ ପାଇଁ କିଛି ବାର୍ତ୍ତା ଦେବା ସହ ପୁରୁଣା ସ୍ମୃତିଭରା ଫଟୋ ଦେଇପାରିବେ। ଏହାକୁ ପାଇ ସେ ନିଶ୍ଚୟ ଖୁସି ହେବେ।

**ମେମୋରି ବୁକ୍‌–** ଆଜିକାଲି ସମସ୍ତଙ୍କ ହାତରେ ମୋବାଇଲ, ଆଉ ପ୍ରତି ମୁହୂର୍ତ୍ତର ଫଟୋ ବି ଉଠା ଯାଉଛି। ତେଣୁ ସେହି ମଧୁର ମୁହୂର୍ତ୍ତର ଫଟୋକୁ ସାଉଁଟି ବନ୍ଧୁଙ୍କ ପାଇଁ ଏକ ମେମୋରି ବୁକ୍ ତିଆରି କରି ଉପହାରସ୍ୱରୂପ ଦେଇପାରିବେ। ସେଥିରେ କିଛି ବାର୍ତ୍ତା ବି ଦେଇପାରିବେ। ଏହି ଉପହାରକୁ ଦେଖି ସେ ନିଶ୍ଚିତ ଭାବେ ଭାବବିହ୍ୱଳ ହୋଇଯିବେ। ବଜାରରେ ବି ସୁନ୍ଦର ସୁନ୍ଦର ମେମୋରି ବୁକ୍ ମିଳୁଛି, ଯାହାକୁ ଆପଣ ଟ୍ରାଏ କରିପାରିବେ।





**କାର୍ଡ–** ବଜାରରେ ତ ଅନେକ ପ୍ରକାରର ଫ୍ରେଣ୍ଡଶିପ୍ ଡେ' କାର୍ଡ ମିଳୁଛି। ହେଲେ ଯଦି ଆପଣ ନିଜ ହାତରେ କାର୍ଡ ତିଆରି କରି ସେଥିରେ ବନ୍ଧୁଙ୍କ ପାଇଁ କିଛି ହୃଦୟସ୍ପର୍ଶୀ ବାର୍ତ୍ତା ଲେଖି ତାଙ୍କୁ ପ୍ରଦାନ କରିବେ, ତେବେ ସେ ନିଶ୍ଚୟ ଖୁସି ହୋଇଯିବେ।

**ଆସେସରିଜ୍‌–** ଏହି ଦିବସକୁ ନଜରରେ ରଖି ପେଣ୍ଡାଣ୍ଟ, ରିଙ୍ଗ୍‌ସ, ନେକ୍‌ଲେସ, ବ୍ରେସଲେଟ୍ ଭଳି ଅନେକ ଫ୍ୟାଶନେବଲ୍ ଆସେସରିଜ୍ ବଜାରରେ ଉପଲବ୍ଧ ହେଉଛି। ଏହିଭଳି କିଛି ଖାସ୍ ଆସେସରିଜ୍ ଆପଣ ନିଜର ଖାସ୍ ବନ୍ଧୁଙ୍କୁ ଉପହାର ଦେଇପାରିବେ।

**ଚକୋଲେଟ୍ ହାମ୍ପର୍‌–** ଯଦି ଆପଣଙ୍କ ବନ୍ଧୁ ଚକୋଲେଟ୍ ପ୍ରିୟ, ତେବେ ଏହି ଉପହାର ତାଙ୍କୁ ନିଶ୍ଚୟ ଭଲ ଲାଗିବ। ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଚକୋଲେଟ୍‌କୁ ଏକ ଗିଫ୍ଟ ହାମ୍ପର ଭାବେ ସଜାଇ ତାଙ୍କୁ ପ୍ରଦାନ କରନ୍ତୁ।

**ହଳଦିଆ ଫୁଲ–** ବନ୍ଧୁତାର ପ୍ରଗାଢ଼ତାକୁ ଦର୍ଶାଏ ହଳଦିଆ ରଙ୍ଗର ଫୁଲ। ଏହି ରଙ୍ଗର ଗୋଲାପ ହେଉକି ଲିଲି ଅବା ଅର୍କିଡ୍, ବନ୍ଧୁଙ୍କ ମୁହଁରେ ହସ ଫୁଟାଇବା ପାଇଁ ଯଥେଷ୍ଟ।

**ସୁସ୍ୱାଦୁ କେକ୍‌–** ଖୁସିର ଅବସରରେ କେକ୍ କାଟିବା ଏବେ ଏକ ଟ୍ରେଣ୍ଡ ପାଲଟିଗଲାଣି। ତେଣୁ ବନ୍ଧୁତାର ଏହି ଦିବସରେ ବନ୍ଧୁଙ୍କୁ ଏକ ସୁସ୍ୱାଦୁ ଓ ସୁସଜ୍ଜିତ କେକ୍ ଉପହାର ସ୍ୱରୂପ ଦେଇପାରିବେ।

**ଆରୋମାଟିକ୍ ପରଫ୍ୟୁମ୍‌–** ଭଲ କ୍ୱାଲିଟିର ସୁଗନ୍ଧଭରା ପରଫ୍ୟୁମ୍ ଉପହାର ଆପଣଙ୍କ ବନ୍ଧୁତାକୁ ଆହୁରି ମହକାଇ ଦେବ। ତେଣୁ ଏହାକୁ ବି ଟ୍ରାଏ କରିପାରିବେ।

**ପର୍ସନାଲାଇଜ୍‌ଡ ଫଟୋ କ୍ୟାଲେଣ୍ଡର–** ବାଲ୍ୟକାଳର ବନ୍ଧୁଙ୍କ ପାଇଁ ଏହାଠୁ ଭଲ ଉପହାର ଆଉ କିଛି ନ ହୋଇପାରେ। ପିଲାଦିନରୁ ଆଜି ପର୍ଯ୍ୟନ୍ତ ଥିବା ଫଟୋ ସବୁକୁ ଏକ କ୍ୟାଲେଣ୍ଡରର ରୂପ ଦେଇ ଉପହାର ଦେଲେ ବନ୍ଧୁ ନିଶ୍ଚୟ ଖୁସି ହେବେ।

**ସଫ୍ଟ ଟୟ–** ଯେଉଁମାନଙ୍କର ଆଜି ପର୍ଯ୍ୟନ୍ତ ସଫ୍ଟ ଟୟ ଧରି ଶୋଇବା ଅଭ୍ୟାସ ଥାଏ ତାଙ୍କୁ କ୍ୟୁଟ୍ ସଫ୍ଟ ଟୟ ଉପହାର ଦେଇପାରିବେ।










# ବନ୍ଧୁ

ସୁଖରେ ଦୁଃଖରେ ପ୍ରତି ମୁହୂର୍ତ୍ତରେ ଯିଏ ପାଖରେ ରହି ମନୋବଳ ବଢ଼ାଏ, ସାହାଯ୍ୟ ସହଯୋଗ କରେ ତାକୁ ହିଁ କୁହାଯାଏ ପ୍ରକୃତ ବନ୍ଧୁ। ପ୍ରତ୍ୟେକଙ୍କ ଜୀବନରେ କେହି ନା କେହି ବନ୍ଧୁ ରହିବା ସ୍ୱାଭାବିକ, ହେଲେ କିଛି ଭାଗ୍ୟବାନ୍ ଲୋକଙ୍କ ଭାଗ୍ୟରେ ଏମିତି ବନ୍ଧୁ ଆସିଥାନ୍ତି, ଯେଉଁମାନେ ବିପଦରେ ପଡ଼ିଥିବା ବନ୍ଧୁ ପାଇଁ ଯେକୌଣସି ପରିସ୍ଥିତିକୁ ସାମ୍ନା କରିବାକୁ ସଦା ତତ୍ପର ଥା'ନ୍ତି। ସେମିତି କେତେଜଣ ଅତୁଟ ବନ୍ଧୁତ୍ୱର ସମ୍ପର୍କରେ ବାନ୍ଧି ହୋଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ .....

## ଇମ୍ତିଆଜ୍‌ଙ୍କ ସ୍ୱଭାବ ମୋତେ ଆକର୍ଷିତ କରିଥିଲା

ବର୍ତ୍ତମାନର କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ଖୁବ୍ ବନ୍ଧୁବତ୍ସଳ। ସେଥିପାଇଁ ତ ତାଙ୍କ ବନ୍ଧୁଙ୍କ ସଂଖ୍ୟା ଖୁବ୍ ଲମ୍ବା। ହେଲେ ଏକ ଜଟିଳ ପରିସ୍ଥିତିର ସମ୍ମୁଖୀନ ହୋଇ ଜଣେ ଅପରିଚିତ ବ୍ୟକ୍ତିଙ୍କଠାରୁ ସାହାଯ୍ୟ ସହଯୋଗ ପାଇବା ପରେ ସେହି ବ୍ୟକ୍ତିଙ୍କ ସହ ତାଙ୍କର କିପରି ବନ୍ଧୁତା ସ୍ଥାପନା ହେଲା ସେ କଥାକୁ ମନେପକାଇ ରାଜା ଭଞ୍ଜଦେଓ କୁହନ୍ତି, ଏହା ହେଉଛି ୨୦୧୨ ମସିହା ଅକ୍ଟୋବର ୧୦ର ଘଟଣା। ସେଦିନ ବମ୍ବେର ଅନ୍ଧେରୀଠାରେ 'ସେଭ୍ ଦ ଗାର୍ଲ ଚାଇଲ୍ଡ' ପାଇଁ ଏକ ରକ୍ କନସର୍ଟର ଆୟୋଜନ କରାଯାଇଥିଲା, ଯାହାର ନାଁ ଥିଲା 'ଆଇ ଆମ୍ ଗାର୍ଲ କନସର୍ଟ'। ଏଠାକୁ ବଲିଉଡ୍ ଅଭିନେତା ଅନିଲ କପୁର ଅତିଥି ହୋଇ ଆସିବା ସହ ବହୁ ନାମୀଦାମୀ କଣ୍ଠଶିଳ୍ପୀ ବିଶେଷକରି ଓଡ଼ିଆ ଝିଅ ସୋନା ମହାପାତ୍ର ଗୀତ ପରିବେଷଣ କରିବାକୁ ଆସିଥିଲେ। ଏ ନେଇ ସ୍ଥାନୀୟ ଏକ ଖବରକାଗଜରେ ପ୍ରକାଶ ପାଇଥିବା ବିଜ୍ଞାପନ ପଢ଼ି ମୁଁ ଏବଂ ମୋ ଧର୍ମପତ୍ନୀ ରାଣୀ ମ୍ରିଣାଳିନୀ ଭଞ୍ଜଦେଓ ବି ସେହି କନସର୍ଟ ଦେଖିବାକୁ ଯାଇଥାଉ। ସେଠାରେ ବିଭିନ୍ନ ବର୍ଗର ଦର୍ଶକଙ୍କ ନିମନ୍ତେ ଭିନ୍ନ ଭିନ୍ନ ଟିକେଟର ବ୍ୟବସ୍ଥା କରାଯାଇଥିଲା। ଯଥା: ମଞ୍ଚର ଖୁବ୍ ନିକଟରୁ ପ୍ରୋଗ୍ରାମ ଦେଖିବା ପାଇଁ ଗୋଲ୍ଡ ଟିକେଟ ଏବଂ ପଛରେ ଠିଆହୋଇ ଦେଖିବା ପାଇଁ ସିଲ୍‌ଭର ଟିକେଟ ଇତ୍ୟାଦି। ଆମ ପାଖେ ଗୋଲ୍ଡ ଟିକେଟ ଥାଏ। ଗୋଲ୍ଡ ଟିକେଟ ଥାଇ ବି ଆମକୁ ସେଦିନ ମଞ୍ଚ ନିକଟକୁ ଛଡ଼ାଗଲା ନାହିଁ। ସିଲ୍‌ଭର ଟିକେଟ କାଟିଥିବା ଦର୍ଶକଙ୍କ ପାଖେ ଛିଡ଼ାହୋଇ ପ୍ରୋଗ୍ରାମ ଦେଖିବାକୁ ଆମକୁ କୁହାଗଲା। ଏ ସମସ୍ୟା କେବଳ ଆମର ନ ଥିଲା ଆହୁରି ଅନେକ ଗୋଲ୍ଡ ଟିକେଟଧାରୀ ବି ସେଦିନ ଏମିତି ହଇରାଣ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଥିଲେ ବମ୍ବେ ନିବାସୀ ଇମ୍ତିଆଜ୍ ସୟେଦ୍। ସେ ବି ଆମ ସହିତ ଆୟୋଜକଙ୍କ ପାଖକୁ ଅଭିଯୋଗ କରିବାକୁ ଯାଇଥିଲେ। କିନ୍ତୁ ସେଠାରେ ଆମକୁ କୁହାଗଲା, ଗୋଲ୍ଡ ସିଲ୍‌ଭରରେ କିଛି ଫରକ୍ ନାହିଁ, ସମସ୍ତେ ଏଇଠି ଠିଆହୋଇ ହିଁ ପ୍ରୋଗ୍ରାମ ଦେଖିବେ। ଧୀରେ ଧୀରେ ପରିସ୍ଥିତି ଜଟିଳ ହେବାକୁ ଲାଗିଲା। ପାଟିତୁଣ୍ଡ ବି ହେଲା। ମୋତେ ପାଟିତୁଣ୍ଡ କରିବାକୁ ଆଦୌ ଭଲ ଲାଗେନି। ତେଣୁ ସେଭଳି ପରିସ୍ଥିତିରୁ କେମିତି ମୁକୁଳିବି ସେ ନେଇ ମୋତେ ଖୁବ୍ ବ୍ୟସ୍ତ ଲାଗୁଥାଏ। ମୋ ବ୍ୟସ୍ତତା ଦେଖି ଇମ୍ତିଆଜ୍ ଆୟୋଜକଙ୍କ ସହ ଯୁକ୍ତିତର୍କକରି ଠିକ୍ କ'ଣ ଭୁଲ୍ କ'ଣ ତାହା ତାଙ୍କୁ ବୁଝାଇଦେଲେ। ଶେଷରେ ସେହି ଆୟୋଜକ ଆମକୁ ଆଗକୁ ଯିବାକୁ ଦେଇଥିଲେ। ଏତେ ଗହଳି ଭିତରେ ଇମ୍ତିଆଜ୍ ଆମ ଦୁହିଁଙ୍କୁ ନେଇ ଠିକ୍‌ଠାକ୍ ମଞ୍ଚ ପାଖରେ ପହଞ୍ଚାଇ ଦେଇଥିଲେ। ତାଙ୍କର ସେହି ସାହାଯ୍ୟ ଓ ଉତ୍ତମ ବ୍ୟବହାର ମୋତେ ସେଦିନ ଖୁବ୍ ପସନ୍ଦ ଆସିଥିଲା ; ଯେଉଁଥିପାଇଁ ପ୍ରୋଗ୍ରାମ ସରିବା ପରେ ଇମ୍ତିଆଜ୍‌ଙ୍କୁ ଆମେ ରାତ୍ରିଭୋଜନ ପାଇଁ ନିମନ୍ତ୍ରଣ କରିଥିଲୁ। ଆଉ ସେ ବି ଆସିଥିଲେ। ବାସ୍, ସେବେଠାରୁ ତାଙ୍କ ସହ ମୋର ଯେମିତି ଏକ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଗଢ଼ିଉଠିଲା। ମୁଁ ଯେବେ ବି କୌଣସି କାମରେ ବମ୍ବେ ଯାଏ ତାଙ୍କ ସହିତ ଦେଖାକରିଥାଏ। ନିୟମିତ ବ୍ୟବଧାନରେ ଫୋନ୍‌ରେ କଥା ବି ହୁଏ। ୨୦୧୬ରେ ମୋର ୫୦ତମ ଜନ୍ମବାର୍ଷିକୀର ନିମନ୍ତ୍ରଣ ରକ୍ଷାକରି ଇମ୍ତିଆଜ୍ ଓ ତାଙ୍କ ଧର୍ମପତ୍ନୀ ବିଜେତା ସୁବର୍ଣ୍ଣା ଆମ ଘରକୁ ମଧ୍ୟ ଆସିଥିଲେ ଓ ତିନିଦିନ ରହିକି ଯାଇଥିଲେ। ଇମ୍ତିଆଜ୍ ପେସାରେ ଜଣେ ଫଟୋଗ୍ରାଫର। ବମ୍ବେରେ ସଙ୍ଗର ଜୁସ୍ ନାମରେ ତାଙ୍କର ଏକ ଷ୍ଟୁଡିଓ ମଧ୍ୟ ଅଛି। ତେବେ ସେ ଯାହା ହେଉ ମୋର ସବୁ ବନ୍ଧୁଙ୍କ ପରି ଇମ୍ତିଆଜ୍‌ଙ୍କ ସହ ଗଢ଼ିଉଠିଥିବା ଏହି ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଏମିତି ସବୁଦିନ ଅତୁଟ ରହୁ ଏତିକି ମୋର କାମନା।

**ପ୍ରତ୍ୟେକଙ୍କ ଜୀବନରେ କେହି ନା କେହି ବନ୍ଧୁ ରହିଥାନ୍ତି। ହେଲେ କିଛି ଭାଗ୍ୟବାନ୍ ଲୋକଙ୍କ ଭାଗ୍ୟରେ ଏମିତି ବନ୍ଧୁ ଆସିଥାନ୍ତି, ଯେଉଁମାନେ ବିପଦରେ ପଡ଼ିଥିବା ବନ୍ଧୁ ପାଇଁ ଯେକୌଣସି ପରିସ୍ଥିତିକୁ ସାମ୍ନା କରିବାକୁ ସଦା ତତ୍ପର ଥା'ନ୍ତି। ସେମିତି କେତେଜଣ ଅତୁଟ ବନ୍ଧୁତ୍ୱର ସମ୍ପର୍କରେ ବାନ୍ଧି ହୋଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ...**

## ୨୦ ବର୍ଷର ବନ୍ଧୁତା ଏମିତି ଅତୁଟ ରହୁ

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ମିଶ୍ରମାଳ ଗାଁରେ ଲକ୍ଷ୍ମୀଧର ନାୟକଙ୍କ ଘର। ପରିବାରର ଦୁର୍ବଳ ଆର୍ଥିକ ଅବସ୍ଥା ପାଇଁ ସେ ୪ର୍ଥଶ୍ରେଣୀରେ ପଢୁଥିବାବେଳେ ଘର ଛାଡ଼ି ଏଣେତେଣେ କାମ କରି ପେଟ ପୋଷିବାକୁ ଲାଗିଲେ। କିଛି ବର୍ଷ ବିଭିନ୍ନ ହୋଟେଲରେ କାମ କରିବା ପରେ ସେ ଆସାମ ଯାଇ ସ୍ଥାନୀୟ ଏକ ସଂସ୍ଥାରେ କାମ କରିବାକୁ ଲାଗିଲେ। ମାତ୍ର ୬ମାସ ପରେ ସେଠାରୁ ଫେରିଆସି କେନ୍ଦୁଝରରେ ଥିବା ଅଜନ୍ତା ନାମରେ ଏକ ଲଜ୍‌ରେ କାମ କଲେ। ଆଉ ସେହି ସମୟରେ ଅଜନ୍ତା ଲଜ୍‌ର ସାମ୍ନାରେ ଥିବା କେନ୍ଦୁଝର ଲଜ୍‌ରେ ବୁଟୁ ନାୟକ ନାଁରେ ଜଣେ ବାଳକ କାମ କରୁଥିଲେ। ବୁଟୁଙ୍କ ଘର ମୟୂରଭଞ୍ଜ ଜିଲାର ମହାଦେବ ଦେଉଳି ଗାଁରେ। ତାଙ୍କ ଘରର ଚଳଣି ମଧ୍ୟ ଥିଲା ଖୁବ୍ ଅସ୍ୱଚ୍ଛଳ। ସେଥିପାଇଁ ସେ ଆସି ଉକ୍ତ ଲଜ୍‌ରେ କାମ କରୁଥିଲେ। ସାମ୍ନାସାମ୍ନି ଲଜ୍ ହୋଇଥିବାରୁ ଲକ୍ଷ୍ମୀଧର ଓ ବୁଟୁଙ୍କ ମଧ୍ୟରେ ପ୍ରତିଦିନ ଦେଖାସାକ୍ଷାତ୍ ହେଲା। ଧୀରେ ଧୀରେ ସେମାନଙ୍କ ମଧ୍ୟରେ ବନ୍ଧୁତା ବଢ଼ିଲା, ଯାହାର କିଛି ବି ଅସୁବିଧା ହେଉଥିଲା ଜଣେ ଅନ୍ୟ ଜଣକୁ ସାହାଯ୍ୟ କରୁଥିଲା। ଖାସ୍ କରି ବୁଟୁଙ୍କର ପଇସାପତ୍ରକୁ ନେଇ ଯେତେବେଳେ କିଛି ବି ଅସୁବିଧା ହେଉଥିଲା ଲକ୍ଷ୍ମୀଧର ତାଙ୍କୁ ସାହାଯ୍ୟ କରୁଥିଲେ। ଏମିତି କିଛିଦିନ ବିତିବା ପରେ ଦୁହେଁ ଦେଖିଲେ ଲଜ୍‌ରୁ ମିଳୁଥିବା କମ୍ ଦରମାରେ ଚଳିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ତେଣୁ ସ୍ୱାଧୀନ ଭାବେ କିଛି ଗୋଟେ ବ୍ୟବସାୟ କରିବା ପାଇଁ ସେମାନେ ଚିନ୍ତାକଲେ। କିନ୍ତୁ ବ୍ୟବସାୟ ଆରମ୍ଭ କରିବା ପାଇଁ ବୁଟୁଙ୍କ ପାଖେ ପଇସା ନ ଥିଲା। ହେଲେ ଲକ୍ଷ୍ମୀଧର ବହୁ କଷ୍ଟରେ ହଜାରେ ଟଙ୍କା ସଞ୍ଚୟ କରିଥିଲେ। ସେହି ଟଙ୍କାରେ ସେ କେନ୍ଦୁଝର ଡେଲି ମାର୍କେଟ୍ ନିକଟରେ ଥିବା ଅଜନ୍ତା ଗଳିରେ ଏକ ଅସ୍ଥାୟୀ ଚା' ଦୋକାନ କଲେ। ବହୁ ଅସୁବିଧାରେ ଚଳୁଥିବା ସାଙ୍ଗ ବୁଟୁଙ୍କୁ ବି ଆଣି ନିଜ ବ୍ୟବସାୟରେ ସାମିଲ କରାଇଲେ। ଧୀରେ ଧୀରେ ତାଙ୍କ ଚା' ବ୍ୟବସାୟ ଭଲ ଚାଲିଲା। ତା'ପରେ ସେମାନେ ପାଳିକରି ଜଣକା ୭ ଦିନ ଲେଖାଏଁ ଚା' ବ୍ୟବସାୟ କରିବାର ନିଷ୍ପତ୍ତି ନେଲେ। ଅର୍ଥାତ୍ ଗୋଟିଏ ସପ୍ତାହ ଲକ୍ଷ୍ମୀଧର ଉକ୍ତ ଚା'ଦୋକାନ ଚଳାଇ ଯାହା ରୋଜଗାର କଲେ ସେଥିରେ ସେ ଚଳିଲେ। ତା'ପର ସପ୍ତାହ ବୁଟୁ ମଧ୍ୟ ସେମିତି କରି ନିଜର ଗୁଜୁରାଣ ମେଣ୍ଟାଇଲେ। ବାକି ସମୟରେ ସେମାନେ ନିଜ ନିଜର ଘରକଥା ବୁଝିବା ସହ ଅନ୍ୟ କାମଧନ୍ଦା ବି କରୁଥିଲେ। ଦୀର୍ଘ ୨୦ ବର୍ଷ ହେଲାଣି ସେ ଦୁହେଁ ଏମିତି ସେହି ଚା' ଦୋକାନଟିକୁ ସୁରୁଖୁରୁରେ ଚଳାଇ ଏକ ନିଆରା ବନ୍ଧୁତ୍ୱର ଦିଗ୍‌ଦର୍ଶନ ଦେଇଆସୁଛନ୍ତି। ଯା'ଭିତରେ ସେମାନଙ୍କର ବିବାହ ସରି ଛୁଆପିଲା ବି ହୋଇସାରିଲେଣି। ତେବେ ଏ ନେଇ ଉଭୟ ଲକ୍ଷ୍ମୀଧର ଓ ବୁଟୁ କୁହନ୍ତି, "ଦିନ ଥିଲା ଆମେ କେହି କାହାକୁ ଜାଣି ନ ଥିଲୁ। ପରିସ୍ଥିତି ଆମ ଭିତରେ ଏମିତି ଏକ ନିବିଡ଼ ସମ୍ପର୍କ ସ୍ଥାପନା କରିଦେଲା ଯେ, ଏବେ କେହି କାହାକୁ ଛାଡ଼ି ରହିପାରୁନୁ। ସେଥିପାଇଁ ପାଖାପାଖି ଦୁଇଟି ଘର ଭଡ଼ା ନେଇ ସୁଖଦୁଃଖରେ ଭାଗୀଦାର ହୋଇ ନିଜ ନିଜର ପରିବାର ଧରି ଚଳୁଛୁ। ଭଗବାନଙ୍କ କୃପାରୁ ଆମ ଦୁଇଜଣ ଓ ଆମ ପରିବାର ଭିତରେ ଥିବା ଏହି ମଧୁର ସମ୍ପର୍କ ସବୁଦିନ ପାଇଁ ଏମିତି ରହିଥାଉ।"

→





ଇମ୍ତିଆଜ୍ ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ରାଣୀ ମ୍ରିଣାଳିନୀ ଭଞ୍ଜଦେଓ



ଅଭିନାଶ ଶୁଭାଶିଷ ଗୁରୁପ୍ରସାଦ

## ଆମ ବନ୍ଧୁତା କେବେ ବି ତୁଟିବନି

ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ସେରପାଲ୍ଲୀ ଗ୍ରାମର ଜୟନ୍ତୀ ବୁରୁଦା ସ୍ଥାନୀୟ ବୀରଲକ୍ଷ୍ମଣ ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ ହେଁ ୨୦୦୪ରେ ମାଟ୍ରିକ ପରୀକ୍ଷା ଦେବାପାଇଁ ଘରଠାରୁ ପ୍ରାୟ ୪୦ କି.ମି. ଦୂରରେ ଥିବା ବାଳକ ଉଚ୍ଚ ବିଦ୍ୟାଳୟକୁ ଯାଉଥିଲେ । କାରଣ ସେଠାରେ ତାଙ୍କର ସେଣ୍ଟର ପଡ଼ିଥିଲା । ନୂଆ ଜାଗାକୁ ଯାଉଥିବାରୁ ତାଙ୍କୁ ଟିକେ ଡର ଲାଗୁଥିଲା । ହେଲେ ପରୀକ୍ଷା ହଲ୍‌ରେ ତାଙ୍କ ସିଟ୍ ପାଖରେ ବସି ପରୀକ୍ଷା ଦେଉଥିବା ମଧୁସ୍ମିତା ସାହୁଙ୍କ ସହ ତାଙ୍କର ପରିଚୟ ହେବା ପରେ ତାଙ୍କୁ ଆଉ ଡର ଲାଗିଲା ନାହିଁ । ମଧୁସ୍ମିତାଙ୍କ ପ୍ରକୃତ ଘର ନୟାଗଡ଼ରେ ହୋଇଥିଲେ ହେଁ ତାଙ୍କ ବାପା ଯେହେତୁ ଏଠାରେ ଚାକିରି କରୁଥିଲେ ତେଣୁ ସେମାନେ ମାଲକାନଗିରି ଜିଲା ସଦର ମହକୁମା ଅନ୍ତର୍ଗତ ପିଏଚ୍‌ଡି କଲୋନୀରେ ରହୁଥିଲେ । ପରୀକ୍ଷା ସମୟରେ କଥାବାର୍ତ୍ତା ହେବାର ସୁବିଧା ନ ଥିବାରୁ ପରୀକ୍ଷା ପରେ କେନ୍ଦ୍ର ବାହାରକୁ ଆସି ଜୟନ୍ତୀ ଓ ମଧୁସ୍ମିତା ପରସ୍ପର ସହ କଥା ହେଉଥିଲେ । ଧୀରେ ଧୀରେ ସେମାନଙ୍କ ଭିତରେ ବନ୍ଧୁତା ଘନିଷ୍ଠ ହେବାକୁ ଲାଗିଲା । ଏପରିକି ମାଟ୍ରିକ ପରୀକ୍ଷା ସରିବା ପରେ ମଧୁସ୍ମିତା ଜୟନ୍ତୀଙ୍କୁ ଦେଖା କରିବାକୁ ତାଙ୍କ ଘରଠାରୁ ୪୦ କି.ମି. ଦୂର ଆଦିବାସୀ ଗ୍ରାମ ସେରପାଲ୍ଲୀକୁ ହଠାତ୍ ଯାଇ ପହଞ୍ଚିଗଲେ । ମଧୁସ୍ମିତାଙ୍କୁ ଦେଖି ଜୟନ୍ତୀ ଆନନ୍ଦରେ ବିଭୋର ହୋଇଯିବା ସହ ବାପାମା'ଙ୍କ ସହିତ ତାଙ୍କର ପରିଚୟ କରାଇ ଦେଇଥିଲେ । ମଧୁସ୍ମିତା ଜୟନ୍ତୀଙ୍କ ଘରେ ସେମାନଙ୍କ ଖାଦ୍ୟ ଖାଇ ଆନନ୍ଦିତ ହେବା ସହ ଜୟନ୍ତୀଙ୍କୁ ମଧ୍ୟ ନିଜ ସାଙ୍ଗରେ ତାଙ୍କ ଘରକୁ ବୁଲାଇବାକୁ ନେଇ ଆସିଥିଲେ । ଏମିତି ପରସ୍ପରଙ୍କ ଘରକୁ ଯିବାଆସିବା ସେମାନଙ୍କର ପ୍ରାୟ ସବୁବେଳେ ଚାଲିଲା । ଆଉ ଉଭୟଙ୍କ ଘର ଲୋକେ ବି ସେମାନଙ୍କୁ ଖୁବ୍ ଗେହ୍ଲା କରୁଥିଲେ । ଏମିତିରେ ମାଟ୍ରିକ୍ ପରୀକ୍ଷା ରେଜଲ୍ଟ ବାହାରିଲା । ତା'ପରେ ସେମାନେ ଏକାଠି ହୋଇ ମାଲକାନଗିରି ମହିଳା ମହାବିଦ୍ୟାଳୟରେ ଯୁକ୍ତ୨ ଓ ମାଲକାନଗିରି ମହାବିଦ୍ୟାଳୟରେ ଯୁକ୍ତ୩ ପଢିଥିଲେ । ଅଧିକାଂଶ ସମୟ ଜୟନ୍ତୀ ମଧୁସ୍ମିତାଙ୍କ ଘରେ ରହି ପଢ଼ାପଢ଼ି କରୁଥିଲେ । କୃତିତ୍ୱର ସହ ଯୁକ୍ତ ୩ ପାସ୍ କଲାପରେ ମଧୁସ୍ମିତା ଜୟପୁରରେ ପିଜି କରିବାକୁ ଗଲେ । ହେଲେ ଜୟନ୍ତୀ ଗାଁରେ ରହିଲେ । ପରସ୍ପରଠାରୁ ଦୂରେଇ ରହୁଥିବାରୁ ଉଭୟଙ୍କୁ ଭଲ ଲାଗୁ ନ ଥିଲା । ଟିକେ ସୁବିଧା ମିଳିଲେ ଜୟନ୍ତୀ ବାପାଙ୍କଠାରୁ ପଇସା ମାଗି ବସ୍‌ରେ ମାଲକାନଗିରିରୁ ପ୍ରାୟ ଶହେ କିଲୋମିଟର ଦୂର ଜୟପୁର ଯାଇ ମଧୁସ୍ମିତାଙ୍କୁ ଦେଖାକରି ଆସୁଥିଲେ । ମଧୁସ୍ମିତା ବି ଛୁଟିରେ ଆସିଲେ ନିଜ ଘରକୁ ନ ଯାଇ ଆଗେ ଜୟନ୍ତୀଙ୍କ ଘରକୁ ପଳାଉଥିଲେ । କିଛିଦିନ ପରେ ଜୟନ୍ତୀ ବି ପିଜି କରିବା ପାଇଁ କୋରାପୁଟ ସେଣ୍ଟ୍ରାଲ ୟୁନିଭର୍ସିଟିରେ ନାଁ ଲେଖାଇଲେ । ପିଜି ପାସ୍ କଲାପରେ ସେ କିଛିବର୍ଷ ଭୁବନେଶ୍ୱରରେ ରହି ଆଜିର ଓଡ଼ିଶା ଡକ୍ୟୁମେଣ୍ଟାରି ଫିଲ୍ମ ପାଇଁ କାମ କଲେ । ସେଠାରେ କାମ କରି ସେ ଅନୁଭବ କଲେ, ମାଲକାନଗିରିରେ ବି ଅନେକ ସମସ୍ୟା ରହିଛି, ତାକୁ କେମିତି ସମାଧାନ କରାଯିବ । ବାସ୍, ତା'ପରଠୁ ଜୟନ୍ତୀ ମାଲକାନଗିରି ଆସି ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କଲେ । ଅସହାୟ ଶିଶୁ, ବୃଦ୍ଧାବୃଦ୍ଧ, ଶିକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା ଇତ୍ୟାଦି କ୍ଷେତ୍ରରେ ବହୁ ଉନ୍ନତିମୂଳକ କାମ କରି ୟା' ଭିତରେ ସେ ଜିଲା, ରାଜ୍ୟ ତଥା ରାଜ୍ୟ ବାହାରେ ବି ପ୍ରଶଂସିତ ହୋଇ ଅନେକ ପୁରସ୍କାର ପାଇସାରିଲେଣି । ଅନ୍ୟପକ୍ଷେ ମଧୁସ୍ମିତା ବି ଉଚ୍ଚଶିକ୍ଷା ଲାଭ କରି ରାଜସ୍ୱ ବିଭାଗରେ ଆର୍‌ଆଇ ଭାବେ ଚାକିରି କରୁଛନ୍ତି । ଆଉ ଜୟନ୍ତୀଙ୍କୁ ତାଙ୍କର ସମାଜ ମଙ୍ଗଳ କାମ ପାଇଁ ସେ ପ୍ରେରଣା ଦେବା ସହ ଆବଶ୍ୟକ ପଡିଲେ ଆର୍ଥିକ ସହାୟତା ଯୋଗାଇ ଆସୁଛନ୍ତି । ଯେଝା କର୍ମରେ ଯିଏ ବ୍ୟସ୍ତ ଥିଲେ ବି ପ୍ରତିଦିନ ସେମାନେ ଦେଖାହୋଇ କଥାବାର୍ତ୍ତା ହୁଅନ୍ତି ତଥା ନିଜ ନିଜ କର୍ତ୍ତବ୍ୟ, ସମାଜସେବା ସମ୍ବନ୍ଧରେ ଆଲୋଚନା କରିଥାନ୍ତି । ଏବେ ସେମାନଙ୍କୁ ବୟସ ୩୦ ପାଖାପାଖି ହେଲାଣି । ହେଲେ ବିବାହ କରିବାକୁ ସେମାନେ ଚାହୁଁନାହାନ୍ତି । କାରଣ ମଧୁସ୍ମିତାଙ୍କ ବାପାଙ୍କର ଚାକିରିରୁ ଅବସର ନେବା ସମୟ ପାଖେଇ ଆସିଲାଣି । ସାନଭାଇଟି ପାଠ ପଢୁଛି । ଯଦି ଏମିତି ସମୟରେ ତାଙ୍କର ବାହାଘର ହୋଇଯାଏ, ତା'ହେଲେ ତାଙ୍କ ପରିବାର କଥା କିଏ ବୁଝିବ ବୋଲି ମଧୁସ୍ମିତା ବାହା ହେବାକୁ ରାଜି ହେଉ ନାହାନ୍ତି । ସାଙ୍ଗ ବାହା ହେଉ ନ ଥିବାରୁ ଜୟନ୍ତୀ ବି ବାହା ନ ହୋଇ ଏମିତି ସମାଜ ମଙ୍ଗଳ କାମରେ ନିଜକୁ ସାମିଲକରି ରଖିବାକୁ ନିଷ୍ପତ୍ତି ନେଇଯାଇଛନ୍ତି । ଏ ନେଇ ଉଭୟେ ଜୟନ୍ତୀ ଓ ମଧୁସ୍ମିତା କୁହନ୍ତି, ଭାଗ୍ୟ ଆମ ଦୁହିଁଙ୍କ ଭିତରେ ବନ୍ଧୁତା ସ୍ଥାପନ କରାଇଛି । ଆଉ ଜୀବନ ଥିବା ଯାଏଁ ଏହି ବନ୍ଧୁତ୍ୱକୁ ଆମେ ସେମିତି ଅତୁଟ ରଖିବୁ । ଆଉ ଆମ ବାହାଘର ତାକୁ ବି ଆମେ ସମୟ ଉପରେ ଛାଡ଼ି ଦେଇଛୁ ।

## ମୋ ସୁଖଦୁଃଖର ବନ୍ଧୁ ସେମାନେ

ପୁରୀ ଜିଲା ଚକ୍ରତୀର୍ଥ ରୋଡ୍‌ରେ ଅଭିନାଶ ମହାନ୍ତିଙ୍କ ଘର । ପୁରୀ ରେଲୱେ ସ୍କୁଲରେ ପଢ଼ିବା ବେଳେ ତାଙ୍କର ପରିଚୟ ହୁଏ ଶୁଭାଶିଷ ଜେନାଙ୍କ ସହ । ଥରେ ପରୀକ୍ଷା ସମୟରେ ଅଭିନାଶଙ୍କ ପେନ୍ ଭାଙ୍ଗିଯିବାରୁ ତାଙ୍କୁ ପେନ୍ ସାହାଯ୍ୟ କରିଥିଲେ ଶୁଭାଶିଷ । ସେଦିନର ସେହି ଛୋଟିଆ ସାହାଯ୍ୟ ଦୁହିଁଙ୍କ ଭିତରେ ବେଶ୍ ଭଲ ବନ୍ଧୁତା ସ୍ଥାପନ କଲା । ସ୍କୁଲ ପଢ଼ା ପରେ ଏକାଠି ଗୋଟିଏ କଲେଜରେ ପଢ଼ିଲେ ସେମାନେ । ସେହି କଲେଜରେ ଗୁରୁପ୍ରସାଦ ଲାହିରୀ ବୋଲି ଜଣେ ପିଲା ସହ ସେମାନଙ୍କର ପରିଚୟ ହେଲା । ଗୁରୁଙ୍କର ମେଳାପୀ ସ୍ୱଭାବ ଏ ଦୁହିଁଙ୍କୁ ଖୁବ୍ ଭଲ ଲାଗିଥିଲା । ତିନିଜଣ ସାଙ୍ଗ ହୋଇ ପଢ଼ିଲେ । ଯୁକ୍ତ୨ ପରେ ଅଭିନାଶ ଭୁବନେଶ୍ୱର ଆସି ଡିପ୍ଲୋମା କଲେ, ଶୁଭାଶିଷ ପୁରୀରେ ଯୁକ୍ତ ୩ ପଢ଼ିଲେ ଏବଂ ଗୁରୁ ତାଙ୍କ ବାପାଙ୍କର ଦେହ ଅସୁସ୍ଥତା ଯୋଗୁ ଆଉ ପଢ଼ି ନ ପାରି ବାପାଙ୍କ ଲଜିଂ ବ୍ୟବସାୟ କଥା ବୁଝିଲେ । ଛୁଟିରେ ଯେତେବେଳେ ବି ଏକାଠି ହେଉଥିଲେ ତିନି ହେଁ ମିଶି ଖୁବ୍ ମଜା କରୁଥିଲେ । ଏମିତି କିଛିଦିନ ବିତିବା ପରେ ହଠାତ୍ ଅଭିନାଶଙ୍କ ପରିବାର ଉପରକୁ ଏକ ବଡ଼ ବିପଦ ମାଡି ଆସିଲା । ଅଭିନାଶଙ୍କ ବାପା ସେ ସମୟରେ ବ୍ୟାଙ୍କରୁ କିଛି ଲୋନ୍ ଆଣି ଅଭିନାଶଙ୍କ ବଡ଼ଭାଇଙ୍କ ପାଇଁ ଏକ ଲଜିଂ କରିଥିଲେ । ଲଜିଂର ସମ୍ପୂର୍ଣ୍ଣ କାମ ସରିବାକୁ ଆହୁରି କିଛି ଟଙ୍କା ଆବଶ୍ୟକ ଥିବାରୁ ତାଙ୍କ ସାଙ୍ଗମାନଙ୍କଠାରୁ କିଛି ହାତଉଧାରି ବି ଆଣିଥିଲେ । ଭାବିଥିଲେ ଲଜିଂ ଚାଲିଲା ପରେ ସେଥିରୁ ଯେଉଁ ରୋଜଗାର ହେବ ସେହି ଟଙ୍କାରେ କରଜ ତକ ଶୁଝିଦେବେ । ହେଲେ ଲଜିଂ ଚାଲିବାର ଅଳ୍ପ କିଛିଦିନ ପରେ ପଇସାପତ୍ରକୁ ନେଇ ଅଭିନାଶଙ୍କ ଘରେ ଅଶାନ୍ତି ସୃଷ୍ଟି ହେଲା । ଅଭିନାଶ ସେ ସମୟରେ ଭୁବନେଶ୍ୱରରେ ରହି ପଢୁଥାନ୍ତି । ମଝିର ମଝିରେ ଘରକୁ ଆସୁଥାନ୍ତି । ହେଲେ ତାଙ୍କ ଘରର ଅଶାନ୍ତି ଏମିତି ବଢ଼ିଗଲା ଯେ, ବାପାଙ୍କ ମୁଣ୍ଡ ଉପରେ ଥିବା କରଜକୁ ଭୁଲିଯାଇ ଅଭିନାଶଙ୍କ ବଡ଼ଭାଇ ନିଜ ପରିବାର ଘେନି ଅନ୍ୟତ୍ର ଯାଇ ରହିଲେ । ଚଡ଼କ ପଡିଲା ଅଭିନାଶଙ୍କ ବାପାଙ୍କ ମୁଣ୍ଡ ଉପରେ । ଯାହା ପାଇଁ ଲଜିଂ କରିଥିଲେ ସେ ଘର ଛାଡି ଚାଲିଯିବା ପରେ ଲଜିଂ କେମିତି ଚାଲିବ, କରଜ କେମିତି ଶୁଝାଯିବ ଏନେଇ ସବୁବେଳେ ଚିନ୍ତା କରୁଥିଲେ ସେ । ଏହି ସମୟରେ ଅଭିନାଶଙ୍କର କ୍ୟାମ୍ପସରେ ସିଲେକ୍‌ସନ ହୋଇ ଚାକିରି କରିବାକୁ ବମ୍ବେ ଯିବାର ଥିଲା । ହେଲେ ସେ ତାଙ୍କ କ୍ୟାରିୟର ଛାଡ଼ି ବାପାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ । ଏତେ କମ୍ ବୟସରୁ ଲକ୍ଷ ଲକ୍ଷ ଟଙ୍କା ଶୁଝିବାର ଦାୟିତ୍ୱ ନିଜ ମୁଣ୍ଡକୁ ନେଇଥିଲେ ସେ । ଲଜିଂ ବ୍ୟବସାୟ କେମିତି କରାଯାଏ ତା'ର ବିନ୍ଦୁ ବିସର୍ଗ ବି ତାଙ୍କୁ ଜଣା ନ ଥିଲା । ତାଙ୍କ ସାଙ୍ଗ ଗୁରୁ ଯେହେତୁ ପୂର୍ବରୁ ଲଜିଂ ବ୍ୟବସାୟ କରୁଥିଲେ ସେ କିଛି ତାଙ୍କୁ ପରାମର୍ଶ ଦେଲେ । ତା'ସହିତ ଏହି ସମୟରେ ଶୁଭାଶିଷ ବି ନୂଆ କରି ରେଳବାଇ ଚାକିରି ପାଇଥାନ୍ତି । ତେଣୁ ଉଭୟ ଗୁରୁ ଓ ଶୁଭାଶିଷ ନିଜର ସକ୍ଷମ ଅନୁସାରେ ଅଭିନାଶଙ୍କୁ କରଜ ଶୁଝିବା ପାଇଁ କିଛି କିଛି ଆର୍ଥିକ ସହାୟତା ବି କରିଥିଲେ । ମାନସିକ ସ୍ତରରେ ଦୃଢ଼ ହେବାକୁ ସେମାନେ ତାଙ୍କୁ ପରାମର୍ଶ ମଧ୍ୟ ଦେଉଥିଲେ । ସେ ତିନିଜଣଙ୍କ ଭିତରେ ଥିବା ଏହି ନିବିଡ଼ ବନ୍ଧୁତା ଯୋଗୁ ଧୀରେ ଧୀରେ ଅଭିନାଶ ସବୁ କରଜ ଶୁଝିବା ସହ ଲଜିଂ ବ୍ୟବସାୟକୁ କ୍ରମେ ବଢ଼ାଇବାକୁ ଲାଗିଲେ । ଏବେ ଅଭିନାଶ ଲଜିଂ ବ୍ୟବସାୟରୁ ଭଲ ଦୁଇ ପଇସା ରୋଜଗାର କରିବା ସହ ଶୁଭାଶିଷ ରେଳବାଇରେ ଭଲ ପଦବୀରେ କାମ କରୁଛନ୍ତି ଏବଂ ଗୁରୁଙ୍କର ବି ଲଜିଂ ବ୍ୟବସାୟ ଖୁବ୍ ଭଲ ଚାଲିଛି । ଏ ନେଇ ଅଭିନାଶ କୁହନ୍ତି, ''ସେତେବେଳେ ଆମ ଘରର ଯେଉଁ ପରିସ୍ଥିତି ଥିଲା, ସେକଥା ଚିନ୍ତା କଲାବେଳକୁ ଆଜି ବି ମୋ ଲୋମ ଟାଙ୍କୁରି ଉଠୁଛି । ବଡ଼ପୁଅ ଘର ଛାଡ଼ି ଚାଲିଯିବାର ଦୁଃଖ ସାଙ୍ଗକୁ କରଜଦାତାଙ୍କ କରଜ କେମିତି ଶୁଝାଯିବ ସେ ନେଇ ବାପା ଦିନରାତି ଚିନ୍ତା କରି ପାଗଳପ୍ରାୟ ହେଉଥାନ୍ତି । କାହାରି ପାଖରୁ କିଛି ସାହାଯ୍ୟ ନ ପାଇ ମୋତେ ହତାଶ ବି ଲାଗୁଥାଏ । ସେଭଳି ପରିସ୍ଥିତିରେ ମୋ ସହ ପାଦ ମିଶାଇ ଚାଲିବାକୁ ମୋର ଏହି ଦୁଇ ବନ୍ଧୁ ଆଗେଇ ଆସିଥିଲେ । ସେମାନେ ମୋର ସାଙ୍ଗ ଥିଲେ ସତ, କିନ୍ତୁ ଏ ବିପଦବେଳେ ସେମାନେ ମୋତେ ଏମିତି ସାହାଯ୍ୟ କରିବେ ସେ କଥା ମୁଁ କେବେ ବି ଚିନ୍ତା କରି ନ ଥିଲି । ସେମାନଙ୍କର ସେହି ସହଯୋଗ ଯୋଗୁ ଆମ ଭିତରେ ଏହି ବନ୍ଧୁତା ଆହୁରି ନିବିଡ଼ ହୋଇଯାଇଛି ଆଉ ସାରା ଜୀବନ ଏହି ସମ୍ପର୍କକୁ ମୁଁ ସେମିତି ସାଇତି ରଖିବାକୁ ଚେଷ୍ଟା କରୁଛି ।'' ***–ଅନ୍ୱିତା***

ତଥ୍ୟ ସହାୟତା: ***ଭାସ୍କର ରାଉତରାୟ, ନରେଶ ପଟ୍ଟନାୟକ, ଦୁର୍ଯ୍ୟୋଧନ ପାତ୍ର***




ଜୟନ୍ତୀ–ମଧୁସ୍ମିତା



ଲକ୍ଷ୍ମୀଧର–ବୁଟୁ



# ଦୁଇ ଦେଶର ଲେଖକ




ଜୋସେଫ୍ ବ୍ରୋସ୍କି ଜଣେ କବି ଏବଂ ପ୍ରାବନ୍ଧିକ। ତାଙ୍କୁ ଜଣେ ଦୂରଦର୍ଶୀ ସ୍ରଷ୍ଟା ଭାବରେ ବିବେଚନା କରାଯାଇଥାଏ। ତେବେ କବି କିମ୍ବା ପ୍ରାବନ୍ଧିକ ମଧ୍ୟରେ ତାଙ୍କର ପରିଚୟ ସୀମିତ ନୁହେଁ। ସେ ଜଣେ ଉଚ୍ଚକୋଟୀର ନାଟ୍ୟକାର ମଧ୍ୟ। ସେ ମାତ୍ର ଦୁଇଗୋଟି ନାଟକ ରଚନା କରିଛନ୍ତି। ମାତ୍ର ଏହି ଦୁଇଗୋଟି ନାଟକ ହିଁ ତାଙ୍କ ସାରସ୍ୱତ ଯାତ୍ରାପଥରେ ଦୁଇଟି ମାଇଲ୍‌ଖୁଣ୍ଟ ଭାବରେ ଶୋଭା ପାଉଛି। ସେ ଲେଖିଥିବା ନାଟକ ଦୁଇଟିର ଶୀର୍ଷକ ହେଉଛି 'ମାର୍ବଲ' ଏବଂ 'ଡିମୋକ୍ରାସୀ'। 'ମାର୍ବଲ୍' ନାଟକରେ ଏକ ୟୁଟୋପିଆ ବା ସ୍ୱର୍ଗଠୁ ବି ସୁନ୍ଦର ସାମ୍ରାଜ୍ୟର ପରିକଳ୍ପନା କରାଯାଇଥିବା ବେଳେ 'ଡିମୋକ୍ରାସୀ'ରେ ରହିଛି ସାମ୍ପ୍ରତିକ ବିଶ୍ୱର ନିଟୋଳ ପ୍ରତିଛବି।

**ଅଭାବ ଓ ସାମ୍ପ୍ରଦାୟିକତା :** ଶୈଶବରେ ବ୍ରୋସ୍କି ଉଭୟ ଅଭାବ ଓ ସାମ୍ପ୍ରଦାୟିକତାର ଶିକାର ହୋଇଥିଲେ। ସେ ଇହୁଦୀ ପରିବାରରେ ଜନ୍ମ ହୋଇଥିବାରୁ ତାଙ୍କୁ ସାମ୍ପ୍ରଦାୟିକ ଶକ୍ତି ସହିତ ସବୁବେଳେ ମୁକାବିଲା କରିବା ପାଇଁ ପଡ଼ିଥିଲା। ସେହିଭଳି ବ୍ରୋସ୍କିଙ୍କ ପିଲାବେଳ ଦାରିଦ୍ର୍ୟ ମଧ୍ୟରେ ଅତିବାହିତ ହୋଇଥିଲା। ଜଣେ ଫଟୋଗ୍ରାଫର ଭାବରେ କାମ କରୁଥିବା ବାପା ଆଲେକ୍‌ଜାଣ୍ଡରଙ୍କ ରୋଜଗାର ଯଥେଷ୍ଟ ନ ଥିଲା ପରିବାର ଚଳେଇବା ପାଇଁ। ବହୁ ସମୟରେ ସେମାନଙ୍କୁ ଖାଲି ପେଟରେ ରହିବାକୁ ପଡୁଥିଲା।

**ମେଶିନ୍ ଅପରେଟର:** ଛାତ୍ରାବସ୍ଥାରୁ ରୋଜଗାର କରି ପରିବାର ଚଳେଇବା ସହିତ ନିଜକୁ ସ୍ୱାବଲମ୍ବୀ କରିଥିଲେ ବ୍ରୋସ୍କି। ମାତ୍ର ପନ୍ଦରବର୍ଷ ବୟସରେ ସେ ପାଠ ପଢ଼ା ଛାଡ଼ିଲେ ଏବଂ ଏକ ମିଲ୍‌ରେ ଅପରେଟର ଭାବରେ କାମ କଲେ। ତେବେ ଏତିକିବେଳେ ତାଙ୍କୁ ଏକ ରଚନାତ୍ମକ ପ୍ରକଳ୍ପ ମିଳିଗଲା। ଏଥିରେ ତାଙ୍କୁ ପ୍ରଚୁର ଲେଖାଲେଖି କରିବାକୁ ପଡ଼ିଲା। ଆଉ ସେଥିପାଇଁ ସେ ବିଭିନ୍ନ ଭାଷା ଶିଖିଲେ। ବିଭିନ୍ନ ଭାଷାର ପୁସ୍ତକ ସବୁକୁ ଅନୁବାଦ କଲେ। ଏହି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ସେ ଇଂରାଜୀ ଭାଷାର ବ୍ୟାକରଣ ଶିଖିଲେ। ତେଣୁ ତାଙ୍କର ପ୍ରତ୍ୟକ୍ଷ ସାହିତ୍ୟ ସହିତ ସମ୍ପର୍କ ରହିଲା। ସେ ଧୀରେଧୀରେ ପୁରାଣ, ଇତିହାସ, ଦର୍ଶନ, କିମ୍ବଦନ୍ତି ପଢ଼ିଲେ। ଏହା ତାଙ୍କ ଭିତରର ସାହିତ୍ୟିକ ଉଦ୍ଦୀପନାକୁ ବୃଦ୍ଧିକଲା। ସେ ମଧ୍ୟ ଚେତନା ଅନୁପ୍ରାଣୀତ ହୋଇ କବିତା ଲେଖିବା ଆରମ୍ଭ କରିଦେଲେ।

**ଛଦ୍ମ ନାମରେ କବିତା :** କବିତା ଲେଖିଲେ ସତ। ମାତ୍ର କବିତା ପ୍ରକାଶ କରିବା ପାଇଁ ତାଙ୍କ ଲାଗି ଏତେ ସହଜ ନ ଥିଲା। କାରଣ ସେ ଯେଉଁ ପ୍ରୋଜେକ୍ଟରେ କାମ କରୁଥିଲେ ସେଥିରେ ଏକ ନିୟମ ଥିଲା ଯେ, ଅନୁବାଦକ ଜଣେ ମୌଳିକ ଲେଖକ ହୋଇ ନ ଥିବ। ଏହା ପଛରେ ବି କାରଣ ଥିଲା। ସେତେବେଳେ ଅତିବେଶି ଅନୁବାଦକ ମିଳୁ ନ ଥିଲେ। ଆଉ ଯେଉଁମାନେ ମିଳୁଥିଲେ ସେମାନେ ମୌଳିକ ରଚନା ଲେଖି ଅନୁବାଦ କାମ ଛାଡ଼ିଦିଅନ୍ତୁ ବୋଲି କେହି ଚାହୁଁ ନ ଥିଲେ। ମାତ୍ର ବ୍ରୋସ୍କି ମଧ୍ୟ ନିଜ ଭିତରର ସାହିତ୍ୟ ସତ୍ତାକୁ ହତ୍ୟା କରିବାକୁ ଚାହୁଁ ନ ଥିଲେ। ସେ ଭାବିଲେ ଏମିତି ଗୋଟିଏ କାମ କରିବେ ଯଦ୍ୱାରା ତାଙ୍କୁ ଅର୍ଥ ମିଳିବ। ଆଉ ସେ ଲେଖୁଥିବା କବିତା ମଧ୍ୟ ପ୍ରକାଶିତ ହୋଇପାରିବ। ସେଥିଲାଗି ସେ ଛଦ୍ମ ନାମରେ କବିତା ପ୍ରକାଶ କଲେ।

**ମାରିଆ ଓ ବ୍ରୋସ୍କି :** ବ୍ରୋସ୍କିଙ୍କ ଜୀବନରେ ମାରିଆ ବାସ୍ମାନୋଭ୍ ନାମ୍ନୀ ଜନୈକା ତରୁଣୀଙ୍କର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ମାରିଆ ଥିଲେ ଜଣେ ଚିତ୍ରକର। ପୁଣି ସେ ବ୍ରୋସ୍କିଙ୍କ ସାହିତ୍ୟ କର୍ମର ଥିଲେ ଜଣେ ଅନୁରାଗିଣୀ। ଚିତ୍ର ଓ ସାହିତ୍ୟରୁ ସାକ୍ଷାତ ତଥା ସମ୍ପର୍କ। ପ୍ରଥମ ଦେଖାରୁ ହିଁ ମାରିଆଙ୍କୁ ଭଲପାଇ ବସିଥିଲେ ବ୍ରୋସ୍କି। ତେବେ ଏହା ଥିଲା ଏକତରଫା ପ୍ରେମ, ଯାହାକୁ ନେଇ ପରେ ଖୁବ୍ ଅନୁତପ୍ତ ହୋଇଥିଲେ ବ୍ରୋସ୍କି। କାରଣ ମାରିଆ ଥିଲେ ବ୍ରୋସ୍କିଙ୍କର ପ୍ରିୟ ବନ୍ଧୁ କବି ଡିମିତ୍ରିଙ୍କର ବାଗ୍‌ଦତ୍ତା। ଆଉ ବେଶି ବାଟ ଆଗେଇ ପାରି ନ ଥିଲେ ବ୍ରୋସ୍କି। ତଥାପି ସେ ଶେଷ ସମୟ ପର୍ଯ୍ୟନ୍ତ ମାରିଆଙ୍କୁ ହିଁ ଭଲ ପାଉଥିଲେ।

**ଦୁଇଦେଶର ସାହିତ୍ୟିକ :** ଦୁଇଦେଶର ସାହିତ୍ୟିକ ବୋଲି କୁହାଯାଏ ବ୍ରୋସ୍କିଙ୍କୁ। ଉଭୟ ଆମେରିକା ଏବଂ ଋଷ୍‌ର ପାଠକମାନେ ତାଙ୍କୁ ନିଜ ନିଜ ଦେଶର ସ୍ରଷ୍ଟା ଭାବରେ ମାନ୍ୟତା ଦେଇଥାନ୍ତି। ଏହାର କାରଣ ହେଉଛି ରୁଷ୍ ହେଉଛି ତାଙ୍କର ଜନ୍ମ ସ୍ଥାନ। ପୁଣି ଆମେରିକାରେ ହିଁ ସେ ନିଜର ସାରସ୍ୱତ ବ୍ୟକ୍ତିତ୍ୱର ଲାଳନପାଳନ କରିଥିଲେ। ସେ ଋଷ ଛାଡ଼ି ଆମେରିକା ଚାଲି ଯାଇଥିଲେ ଏଇଥିପାଇଁ ଯେ, ସୋଭିଏଟ୍ ୟୁନିୟନ୍ ତାଙ୍କୁ ନିର୍ବାସନ ଦେଇଥିଲା। ଏହି ଘଡ଼ିସନ୍ଧି କାଳରେ ଆମେରିକୀୟ ସାହିତ୍ୟିକ ବନ୍ଧୁମାନେ ତାଙ୍କୁ ହାତ ବଢ଼େଇ କୋଳେଇ ନେଇଥିଲେ। ୧୯୮୭ରେ ବ୍ରୋସ୍କି ସାହିତ୍ୟ ପାଇଁ ପାଇଥିଲେ ନୋବେଲ ପୁରସ୍କାର। ୧୯୯୬ ଜାନୁୟାରୀ ୨୮ ତାରିଖରେ ତାଙ୍କର ପରଲୋକ ଘଟିଥିଲା।

## ପୁସ୍ତକ ସମୀକ୍ଷା


**ଶ୍ରୀମଦ୍ ଭାଗବତ ମହାପୁରାଣ,** ପ୍ରବକ୍ତା : ଯୋଗୀ ଗଣେଶ୍ୱର, ପ୍ରକାଶକ : ଭକ୍ତିସାଗର ପ୍ରକାଶନ, ଦେୟ : ଟ୧୮୦/- ଭାଗବତ ହେଉଛି ଓଡ଼ିଆମାନଙ୍କର ଅତି ପ୍ରିୟ ଗ୍ରନ୍ଥ। କେବଳ ଓଡ଼ିଆମାନଙ୍କ ପାଇଁ ନୁହେଁ, ସମଗ୍ର ଭାରତବାସୀ ତଥା ବିଶ୍ୱବାସୀଙ୍କ ପାଇଁ ମହର୍ଷି ବ୍ୟାସଦେବଙ୍କ ସଂସ୍କୃତ ଶ୍ରୀମଦ୍ ଭାଗବତ ମହାପୁରାଣର ଗୁରୁତ୍ୱ ରହିଛି। ଉକ୍ତ ପୁସ୍ତକଟି ସେହି ଭାଗବତର ଏକ ସରଳ ରୂପ। ଏହାର ପ୍ରବକ୍ତା ହେଉଛନ୍ତି ଯୋଗୀ ଗଣେଶ୍ୱର। ଅତି ସରଳଭାଷାରେ ଏହି ପୁସ୍ତକଟିକୁ ଯେପରି ବ୍ୟାଖ୍ୟାନ କରାଯାଇଛି ତାହା ଯେ ସାମ୍ପ୍ରତିକ ସମୟର ଜନସାଧାରଣଙ୍କ ପାଇଁ ଅତି ଉପାଦେୟ ଗ୍ରନ୍ଥ ଭାବରେ ସାବ୍ୟସ୍ତ ହେବ ଏକଥାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ଏହି ଗ୍ରନ୍ଥରେ ରହିଛି ଭାଗବତର ପ୍ରଥମ ସ୍କନ୍ଦର ବର୍ଣ୍ଣନା ଓ ବିବରଣୀ। ପୁସ୍ତକଟି ସଂଗ୍ରହଣୀୟ।

**ଛବି ଓ କବିତାରେ ଗଛ,** କବି : ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ, ପ୍ରକାଶକ : ଟାଇମ୍‌ପାସ୍, ମୂଲ୍ୟ : ଟ୧୪୫/- ଆଜିର ତାରିଖରେ ପୃଥିବୀ ପାଇଁ ଗଛ କ'ଣ ସେକଥା କାହାକୁ ବୁଝାଇ କହିବାର ଆବଶ୍ୟକତା ନାହିଁ। ଗଛ ହିଁ ବଞ୍ଚେଇପାରିବ ମଣିଷକୁ। ଗଛର ଗୁରୁତ୍ୱକୁ ଅଧିକରୁ ଅଧିକ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରକାଶିତ ହୋଇଛି ପୁସ୍ତକ 'ଛବି ଓ କବିତାର ଗଛ'। ପୁସ୍ତକଟିରେ ଛବି ତ ଅଛି। ପୁଣି କବିତା ବି ଅଛି। ଆଉ ଏହି ଛବି ଓ କବିତାଗୁଡ଼ିକ କେବଳ ଗଛକୁ ନେଇ ଉଦ୍ଦିଷ୍ଟ। ଏହା ଏକ ଦ୍ୱିଭାଷୀର ପୁସ୍ତକ। କବିତାଗୁଡ଼ିକ ଉଭୟ ଓଡ଼ିଆ ଓ ଇଂରାଜୀରେ ରଚନା କରାଯାଇଛି। ପୁସ୍ତକଟିର ପରିକଳ୍ପନା ଅଜୟ ସ୍ୱାଇଁ କରିଥିବା ବେଳେ ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଓଡ଼ିଆ କବିତାଗୁଡ଼ିକୁ ଇଂରାଜୀରେ ଅନୁବାଦ କରିଛନ୍ତି ନିରଞ୍ଜନ ପତି। ଏହାର ସଂଯୋଜନା କରିଛନ୍ତି ସରୋଜ ବଳ।

**ଚଇତାର ଆମ୍ବତୋଟା,** ଗାଳ୍ପିକ : ବୀରେଶ୍ୱର ମହାନ୍ତି, ପ୍ରକାଶକ : ବୀରେଶ୍ୱର ମହାନ୍ତି, ମୂଲ୍ୟ : ଟ୧୫୦/- କୋଡ଼ିଏଟି ମନଛୁଆଁ ଗପକୁ ନେଇ ପ୍ରକାଶିତ ହୋଇଛି ସଂକଳନ 'ଚଇତାର ଆମ୍ବତୋଟା'। ପ୍ରତ୍ୟେକ ଗପରେ ରହିଛି ଗୋଟିଏ ଗୋଟିଏ ମର୍ମସ୍ପର୍ଶୀ କାହାଣୀ। ସଂକଳନର ମୁଖବନ୍ଧ ରଚନା କରିଥିବା ଦାଶ ବେନହୁରଙ୍କ କହିବା ଅନୁଯାୟୀ, ଗଳ୍ପ ଲେଖକ ବୀରେଶ୍ୱର ବାବୁ ଜଣେ ଭାବମୋଦୀ ମଣିଷ। ମନ ଭିତରେ ଭାବନାଗୁଡ଼ିକ ତାଙ୍କୁ ଖୁଞ୍ଚୁବୁଞ୍ଚୁ କରିଥିବାରୁ ସେ ସେଗୁଡ଼ିକୁ ଗଳ୍ପ ରୂପରେ ବାହାରକୁ ଆଣିଛନ୍ତି। ଗାଳ୍ପିକ ନିଜେ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଆଖପାଖରେ ସଂଘଟିତ ହେଉଥିବା ଘଟଣା ପ୍ରବାହମାନଙ୍କୁ ନେଇ ଏ ଗଳ୍ପ ସଂକଳନ। ତେଣୁ 'ଚଇତାର ଆମ୍ବତୋଟା' ଭିତରୁ ପାଠକଟିଏ ତା' ନିଜକୁ ଖୋଜି ପାଇବ ବୋଲି ଆଶା କରାଯାଇପାରେ।

**ମହାନଦୀର କୋଳ,** ଗାଳ୍ପିକା : ସନ୍ତୋଷୀ ସ୍ୱାଇଁ, ପ୍ରକାଶକ : ଡୁଡୁଲି ପ୍ରୋସେସ୍ ଆଣ୍ଡ ଅଫ୍‌ସେଟ୍, ବିତକ : ପଶ୍ଚିମା ପବ୍ଲିକେଶନ୍ସ, ମୂଲ୍ୟ : ଟ୧୨୦/- ମୋଟ୍ ପନ୍ଦରଟି ଗଳ୍ପକୁ ନେଇ ପ୍ରକାଶିତ ହୋଇଛି 'ମହାନଦୀର କୋଳ'। ସନ୍ତୋଷୀ ସ୍ୱାଇଁଙ୍କ ଏହା ହେଉଛି ପ୍ରଥମ ଗଳ୍ପ ସଂକଳନ। ପ୍ରତ୍ୟେକଟି ଗଳ୍ପରେ ଭାଷାର ହୃଦୟସ୍ପର୍ଶୀ, ଗୁମ୍ଫନଶୈଳୀ, ପରିବେଶ ପରିଚ୍ଛନ୍ନତା ଆଦିକୁ ଗୁରୁତ୍ୱ ଦିଆଯାଇଛି। ସଂକଳନର ଶୀର୍ଷକ ଗଳ୍ପ 'ନଦୀର କୋଳ'। ଏହାକୁ ନେଇ ମଧ୍ୟ ସଂକଳନର ଶିରୋନାମା କରିଛନ୍ତି ଗାଳ୍ପିକା। 'ମହାନଦୀର କୋଳ'ରେ ଜଣେ ବୁଢ଼ୀକୁ ନିଆଯାଇଛି ଗଳ୍ପର ନାୟିକା ଭାବରେ। ଆଉ ପରିଣତିଟି ବେଶ୍ କରୁଣ। ସଂକଳନଟି ପାଠକାଦୃତ ହେବା ଆଶା କରାଯାଏ।







# ମେଘର ସାୟେରି

– ଦେବାଶିଷ ଚକ୍ରବର୍ତ୍ତୀ

**ମେଘ**
କଜଳ ମେଘର ସଜଳ ଆଖିରୁ
ଝରୁଛି ପ୍ରୀତିର ଝର
ନିଆଁଶୀ ଆଖିରେ ଲହଡି ଖେଳୁଛି
ହତାଶାର ପାରାବାର

**ବର୍ଷା**
ଉଦାସୀ ଧରାର ଓଠରେ ବରଷା
ଦେଉଛି ଶ୍ୟାମଳ ଚୁମା
ଉପାସୀ ଆଖିରେ ଖୁସିର ପାଖୁଡା
ସହଜେ ଫୁଟେନି ଜମା

**ଘଡଘଡି**
ଆକାଶ ଛାତିରୁ ଭାସି ଆସୁଅଛି
ବଜ୍ର ବିଜୁଳି ନାଦ
ଫଟା ପଲିଥିନ ତଳେ ଗୁମୁରୁଛି
ଶେଷହୀନ ଅବସାଦ

**ପଦ୍ମ**
ବରଷାର ହାତ ପଦୁଅଁ ଓଠରୁ
ହସ କରେ ସିନା ଚୋରି
ଅଭାବି ମନରେ ହସର ପଦୁଅଁ
ଆପେ ଆପେ ଯାଏ ସଡି

**ବିଜୁଳି**
ବିଜୁଳି ଧାସରେ ଉଜୁଳି ଉଠୁଛି
ରାତ୍ରିର କଳାପିଠି
ବେକାର ଯୁବକ ପାଇଛି ଯେପରି
ଇଣ୍ଟରଭ୍ୟୁର ଚିଠି

–ମଣ୍ଡୁଆ, କେନ୍ଦୁଝରଗଡ



# ମୁଁ ଭଲପାଏ..

–ସାଗରିକା ପଟ୍ଟନାୟକ

ଭଲପାଇବା ବଦଳରେ
ଭଲପାଇବା ମିଳିବ ଭାବି
ମୁଁ ଭଲପାଏନା..
ନିମିଷେକରେ ଲିଭିଯାଇପାରେ
ଜୀବନର ଦୀପ
ଆଜି କଥା କାଲିକି ଅଛପା
କାଲି ଥିବି କି ନାହିଁ ସେଇ ଡରରେ
ଭଲପାଏ
ତୁମକୁ, ତାକୁ..
ମୋ’ ଜୀବନର ପ୍ରତ୍ୟେକ ଖାସ ବ୍ୟକ୍ତିଙ୍କୁ..
ସେ ପ୍ରତିବଦଳରେ ଜାବୁଡ଼ି ଧରେ ।
ଅନ୍ୟମାନେ ସ୍ନେହ ଅଜାଡ଼ି ଦିଅନ୍ତି
ଖାଲି ବାକି ପଡ଼ ତୁମେ..
ହେଲେ..!
ଯଦି ପାରିବ କାଲିର ସ୍ନେହ
ମୋତେ ଆଜି ଦେଇଦିଅ
ଶେଷ ଦିନ ବେଳକୁ
ମୋ ପାଖରେ
ଗୋଟିଏ ଦିନର ପ୍ରେମ ଅଧିକା ଥିବ..

–ବାଲିସିଂହା, କାକଟପୁର, ପୁରୀ

# ଲୁଚକାଳି ଖେଳ

– ନଗେନ୍ଦ୍ର ନାଥ ପଟ୍ଟନାୟକ

ବୁଢାଟିଏ,ବୁଢୀଟିଏ । ବୁଢା ବୁଢୀକୁ ଭାରି ଭଲପାଏ,ଗୋଡେ ଗୋଡେ ତାର ପିଛା କରେ । ବୁଢୀ ଘରେ ଲୁଗାପଟା କଚାକଚି କଲେ ବୁଢା ତାକୁ ସେ କାମରେ ସାହାଯ୍ୟ କରେ । ଫେର ବୁଢୀ ଯଦି ରୋଷେଇ ଘରେ ରନ୍ଧାରନ୍ଧି କରେ ସେଥିରେ ବି ବୁଢା ତାକୁ ସାହାଯ୍ୟ କରେ । ଏହିପରି ବୁଢୀ ଯୋଉ ଘର ପାଇଟି କରେ ବୁଢା ତାକୁ ପାରୁ ପର୍ଯ୍ୟନ୍ତ ସହଯୋଗ କରେ । ବୁଢା ବୁଢୀକୁ ଦଣ୍ଡେ ନ ଦେଖିଲେ ରହିପାରେନି ।

ଦିନେ କଣ ହେଲାନା ବୁଢୀ ବାପଘରୁ ହଠାତ ଫୋନରେ ଡକରା ଆସିଲା । ବୁଢୀ ଜାଣିବାକୁ ପାଇଲା ତା ବାପଘର ଲୋକେ ତାକୁ ଟିକେ ଦେଖିବାକୁ ଚାହୁଁଛନ୍ତି । ସେ ବେଶ ଭଲଭାବେ ଜାଣେ ବୁଢା ତ ତାକୁ ଛାଡିବ ନାହିଁ । ତେଣୁ ସେ ଉପାୟଟିଏ ପାଞ୍ଚିଲା । ବୁଢା ପାଖକୁ ଟିକେ ଘୁଞ୍ଚିଯାଇ ତା କାନରେ ଫିସଫିସ କରି କହିଲା–‘ଆହେ ଶୁଣୁଛ ନା, ଆଜି ତମ ସାଙ୍ଗରେ ଲୁଚକାଳି ଖେଳିବାକୁ ମୋର ଭାରି ଇଛା । କଣ କହୁଚ,ରାଜି ତ ? ସେଉଠୁ ବୁଢା ମୁଣ୍ଡ ଟୁଙ୍ଗାରି ହଁ ଭରିଲା । ବୁଢୀ କହିଲା–’ଏଇଲେ ମୁଁ ଆଖି ବୁଜୁଚି,ତମେ ଯାଇ କୋଉଠି ଲୁଚିଯା । ଘରେ ଗୋଟେ କୋଣରେ ବଡ କାଠବାକ୍ସଟି ଥୁଆ ହୋଇଥାଏ । ତାରି ଭିତରେ ବୁଢୀର ଅରଖ ନୂଆ ଶାଢୀସବୁ ସାଇତା ହୋଇ ରଖାଯାଇଥାଏ । ବୁଢା କଣ କଲାନା ତାରି ଭିତରେ ଥିରକିନା ଲୁଚିଗଲା । ବୁଢୀ ତ ବୁଢାର ଲୁଚିବା ମଉକାକୁ ଟାକିବସିଥିଲା । ସେ କି ଆଉ ହାତଛଡା ଦିଏ । ସାଙ୍ଗେ ସାଙ୍ଗେ ଘର ଚାକରାଣୀକୁ ଡାକି କହିଲା–ଆଲୋ ହେ,ଏ ବାକ୍ସଟାକୁ ବୋହିନେଇ ତୁରନ୍ତ କାର ଭିତରେ ଥୋଇଦେ । ମୁଁ ଜଲ୍‌ଦି ବାପଘରକୁ ଯିବି । ବୁଢୀର ବୋଲ ମାନି ଚାକରାଣୀ ବାକ୍ସଟାକୁ ମୁଣ୍ଡେଇ କାରର ଡିକି ଭିତରେ ଥୋଇଦେଲା । ଏହାପରେ ବୁଢୀ କହିଲା–’ତୁ ଯା, ଡ୍ରାଇଭରକୁ ଡାକିଦେବୁ,ସେ ମତେ ନେଇ ଅତି ଶୀଘ୍ର ମୋ ବାପଘରେ ଛାଡିଦେଇ ଆସୁ । ଚାକରାଣୀ କାର ଡ୍ରାଇଭରକୁ ଡାକିଆଣିଲା । କହିଲା–ମା’ଙ୍କୁ କାରରେ ନେଇ ବେଗି ଛାଡିଦେଇ ଆସ ।’ମା’ଙ୍କୁ କାରରେ ବସାଇ ଡ୍ରାଇଭର ତାଙ୍କ ବାପଘରେ ଛାଡିଦେଇ ଆସିଲା । ଡିକି ଖୋଲି ଭିତରୁ ବଡ ବାକ୍ସଟି ବାହାରକଲା । ଆଉ ସେଟାକୁ ନେଇ ବୁଢୀ ବାପଘର ପିଣ୍ଡାରେ ଥୋଇଦେଲା । ବୁଢୀକୁ ଦେଖି ତା’ବାପଘର ଲୋକେ ତାକୁ ପାଛୋଟି ନେଲେ । ଘରଲୋକକୁ ଶାଢୀ ଉପହାର ଦେବା ପାଇଁ ବୁଢୀ ଯେମିତି ବାକ୍ସଟିକୁ ଖୋଲିଦେଇଛି ଦେଖିଲା ବୁଢା ତା’ ଭିତରେ ଆଖି ମିଟିମିଟି କରି ବସିପଡିଛି । ଆବାକାବା ହୋଇ ବୁଢୀ କହିଲା–ଏଁ,ତମେ କଣ ଏଠି, ତମେ ମତେ ଠକିଦେଇନା ତ ? ବୁଢା କହିଲା–ହଇଲୋ,ଏ କଥା କଣ ଜାଣିନୁ ତୁ ଯୋଉଠି,ମୁଁ ସେଇଠି ବୋଲି ।’

–ଜଗମୋହନ ନଗର
ଜାଗମରା, ଖଣ୍ଡଗିରି , ଭୁବନେଶ୍ୱର



# ଘାରିଛି ହଲିଉଡ୍ ନିଶା

ରାଧିକା ଆପ୍ଟେଙ୍କୁ ଏବେ ହଲିଉଡ୍ ନିଶା ଘାରିଛି। ବର୍ତ୍ତମାନ ସେ ଏକ ହଲିଉଡ୍ ସ୍ପାଏ ଥ୍ରୀଲର 'ଲିବର୍ଟି : ଏ କଲ୍ ଟୁ ସ୍ପାଏ'ରେ ଅଭିନୟ କରୁଛନ୍ତି। ଆଉ ଏହାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ସେ। ଏହି ଫିଲ୍ମ ବିଷୟରେ ରାଧିକା କହନ୍ତି, 'ହଲିଉଡ୍ ପ୍ରୋଜେକ୍ଟରେ କାମ କରିବା ପରେ ମୋତେ ଯେଉଁ ଖୁସି ମିଳୁଛି ତାହା ବର୍ଣ୍ଣନାତୀତ। ଯାହା ହେଲେ ବି ବଲିଉଡ୍ ଫିଲ୍ମ ମେକିଂ ଏବଂ ହଲିଉଡ୍ ଫିଲ୍ମ ମେକିଂ ଭିତରେ ନିଶ୍ଚୟ ଫରକ ରହିଛି। 'ଲିବର୍ଟି : ଏ କଲ୍ ଟୁ ସ୍ପାଏ'ରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ ପାଇଁ ଏକ ଚ୍ୟାଲେଞ୍ଜ। ଏଥିରେ ମୁଁ ଜଣେ ମୁସଲିମ୍ ମହିଳା–ନୁର୍ ଇନାୟତ ଖାନ ଭୂମିକାରେ ଅଭିନୟ କରୁଛି। ଶୁଟିଂ ପୂର୍ବରୁ ଏହି ଭୂମିକା ପାଇଁ ମୋତେ ପୂରା ଦମ୍‌ରେ ପ୍ରସ୍ତୁତ ହେବାକୁ ପଡିଥିଲା। ନିର୍ଦ୍ଦେଶକ ଲିଡିଆ ଡିନ୍ ପିଲଚର୍ ମୋତେ ଯେଉଁ ଟିପ୍ସ ଦେଇଥିଲେ ତାହା ମୋ ପାଇଁ ବେଶ୍ ସହାୟକ ହୋଇଛି।' ତେବେ ଏହି ଫିଲ୍ମଟି ରାଧିକାଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ରିଲିଜ ପରେ ହିଁ ଜଣାପଡିବ।



ରାଧିକା

# ରିଲିଜ୍‌କୁ ଅପେକ୍ଷା

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ବ୍ଲକବଷ୍ଟର 'ବାହୁବଳୀ'ପରେ ପ୍ରଭାସ ପୁଣି ଏବେ ଚର୍ଚ୍ଚାରେ। କାରଣ ଆଉ ଏକ ବିଗ୍ ବଜେଟ୍ ଫିଲ୍ମ ଚଳିତ ବର୍ଷ ଅଗଷ୍ଟ ୩୦ରେ ରିଲିଜ ହେବାକୁ ଯାଉଛି, ଯାହାର ନାୟକ ସାଜିଛନ୍ତି ଏହି ଅଭିନେତା। ତାହା ହେଲା 'ଶାହୋ'। ଭାରତୀୟ ସିନେମା ଇତିହାସରେ ଏହା ରେକର୍ଡ ସୃଷ୍ଟି କରିବ ବୋଲି ସିନେ ସମୀକ୍ଷକମାନେ ଏବେଠାରୁ ପୂର୍ବାନୁମାନ କଲେଣି। ଅପରପକ୍ଷରେ ଅଫରଟି ମିଳିବା ପରେ ନିଜ ଉପରେ ଶତ ପ୍ରତଶତ ଭରସା ରଖି ହିଁ ଭରିଥିଲେ ପ୍ରଭାସ। ବେଶ୍ ସାହସର ସହ ସେ ଏହି ଫିଲ୍ମରେ କେତୋଟି ଷ୍ଟଣ୍ଟ ଶଟ୍ ଦେଇଛନ୍ତି। ସୁଜିତଙ୍କ ନିର୍ଦ୍ଦେଶିତ ଏହି ବ୍ୟୟବହୁଳ ଫିଲ୍ମଟିକୁ ଶୁଟିଂ କରିବାକୁ ଦୁଇବର୍ଷ ସମୟ ଲାଗିଛି। ଖାସ୍ କଥା ହେଲା ଖ୍ୟାତି ସମ୍ପନ୍ନ ପ୍ରଡକ୍ସନ ଡିଜାଇନର ଶାବୁ ସିରିଲ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ଶୁଟିଂ ସେଟ୍ ନିର୍ମାଣ କରିବା ପାଇଁ ବ୍ୟୟ ହୋଇଛି ୬୫ କୋଟି। ଏହି ଫିଲ୍ମ ପାଇଁ ଆବୁଧାବିରେ ଏକ ମରୁଭୂମିର ପ୍ରତିକୃତି ନିର୍ମାଣ କରିବାକୁ ପ୍ରଡକ୍ସନ ଡିଜାଇନରଙ୍କୁ ବେଶ୍ ସହାୟତା କରିଥିଲେ ପ୍ରଭାସ। ଏହାକୁ ଚୂଡାନ୍ତ ରୂପ ଦେବାକୁ ୩୦୦ ଟେକ୍ନିସିଆନଙ୍କୁ କାମରେ ନିୟୋଜିତ କରାଯାଇଥିଲା। ହିନ୍ଦୀ, ତାମିଲ ଏବଂ ତେଲୁଗୁ ଭାଷାରେ ନିର୍ମିତ ହେଉଥିବା ଏହି ଚର୍ଚ୍ଚିତ ଫିଲ୍ମରେ ପ୍ରଭାସଙ୍କ ବ୍ୟତୀତ ଶ୍ରଦ୍ଧା କପୁର, ଜ୍ୟାକି ଶ୍ରଫ, ନୀଲ ନୀତୀଶ ମୁକେଶ, ମନ୍ଦିରା ବେଦୀ, ଚଙ୍କି ପାଣ୍ଡେ, ମହେଶ ମଞ୍ଜୋରକର, ଅରୁଣ ବିଜୟ ଏବଂ ମୁରଲୀ ଶର୍ମାଙ୍କ ପରି କଳାକାର ଅଭିନୟ କରିଛନ୍ତି।



ପ୍ରଭାସ

# ଅନୁତାପ କରୁଛନ୍ତି ଜାହ୍ନବୀ

ସାମାନ୍ୟ ବୁଝାମଣା ଅଭାବରୁ ବେଳେବେଳେ ସୁବର୍ଣ୍ଣ ସୁଯୋଗ ହାତଛଡା ହୋଇଯାଇଥାଏ। ପରେ ଏ ନେଇ ଯେତେ ଚିନ୍ତା କଲେ କିଛି ଲାଭ ହୁଏନା। ଦେଖୁନାହାନ୍ତି, ଜାହ୍ନବୀ କପୁର କେମିତି ଏକ ଅଫରକୁ ଏବେ ବି ମନେ ପକାଇ ଅନୁତାପ କରୁଛନ୍ତି। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ତାଙ୍କୁ ବିଶିଷ୍ଟ ଅଭିନେତା ମହେଶ ବାବୁଙ୍କ ଅପୋଜିଟ୍‌ରେ କାଷ୍ଟିଂ କରାଯାଇଥିଲା। ଯେତେବେଳେ ଏ ନେଇ ତାଙ୍କୁ ଯୋଗାଯୋଗ କରାଗଲା ସେ ମନା କରିଦେଇଥିଲେ। ସେତେବେଳେ ପ୍ରଯୋଜନା ସଂସ୍ଥା ମଧ୍ୟ ଜାହ୍ନବୀଙ୍କୁ ନେଇ ଆଉ ଆଗକୁ ଆଗେଇ ନ ଥିଲେ ଏବଂ ତାଙ୍କ ସ୍ଥାନରେ ଆଉ ଜଣେ ଅଭିନେତ୍ରୀଙ୍କୁ ନିଆଯାଇଥିଲା। ଠିକ୍ ସେମିତି 'ସିମ୍ବା'ର ନାୟିକା ଚୟନ ସମୟରେ ତାଙ୍କୁ ଯୋଗାଯୋଗ କରାଗଲା। ଯଦି ସେ ରାଜି ହୋଇଥାଆନ୍ତେ ତେବେ ରଣବୀର ସିଂଙ୍କ ସହ ସ୍କ୍ରିନ୍ ସେୟାର କରିଥାଆନ୍ତେ। ହେଲେ ଏଭଳି ଅଫରକୁ ମଧ୍ୟ ପ୍ରତ୍ୟାଖାନ କରିଥିଲେ ଶ୍ରୀଦେବୀ ତନୟା। ଶେଷରେ 'ଧଡକ୍' ସିନେମାରେ ତାଙ୍କୁ ବ୍ରେକ୍ ମିଳିଥିଲା ଏବଂ ଫିଲ୍ମଟି ଆଶାନୁରୂପ ସଫଳତା ମଧ୍ୟ ପାଇଥିଲା।



ଜାହ୍ନବୀ

# ଡବଲ ମଜା



ଆଲିଆ

ଆଲିୟାଙ୍କ ମନ ଏବେ ଆକାଶରେ ଉଡୁଛି। କାରଣ କ'ଣ ଜାଣନ୍ତି ? ନିଜ ରିଲ୍ ଲାଇଫରେ ସେ ପ୍ରଥମ ଥର ପାଇଁ ତାଙ୍କର ବାପା ମହେଶ ଭଟ୍ଟଙ୍କ ସହ କାମ କରୁଛନ୍ତି। ଅର୍ଥାତ୍, ୧୯୯୧ର ସୁପରହିଟ୍ ଫିଲ୍ମ ତଥା ସଞ୍ଜୟ ଦତ୍ତଙ୍କ ଅଭିନୀତ 'ସଡକ୍'ର ରିମେକ୍ 'ସଡକ୍–୨' ଶୁଟିଂ ଏବେ ଚାଲୁ ରହିଛି। ଏ ବିଷୟରେ ଆଲିୟା କହନ୍ତି, 'ଏହି ଫିଲ୍ମରେ ଅଭିନୟ କରିବାକୁ ମୋତେ ଯେତେବେଳେ ଅଫର ମିଳିଲା ସେତେବେଳେ ମୋ ଖୁସି ବନ୍ଧବାଡ ମାନି ନ ଥିଲା। ବାପା ଏବଂ ଭଉଣୀ ପୂଜାଙ୍କ ସହ କାମ କରିବାର ମଜା ନିଆରା। ଇଏ ତ ଗୋଟିଏ ଖୁସି କଥା। ଆଉ ଏକ କଥା ହେଲା ଏବେ ଉଟିରେ ଆମର ମାରାଥନ୍ ଶୁଟିଂ ଚାଲିଛି। ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟର ଭରପୂର ମଜା ନେଉଛି।' ଏହି ଫିଲ୍ମରେ ଆଲିୟାଙ୍କ ସହ ମେଲ୍ ଲିଡ୍‌ରେ ଅଛନ୍ତି ଆଦିତ୍ୟ ରୟ କପୁର।

# କ୍ୟାପ୍ ପିନ୍ଧିବା ଅନ୍ତରାଳେ..



ଅର୍ଜୁନ

ଅର୍ଜୁନ କପୁର ଗତ କିଛିମାସ ହେବ ଏକ କ୍ୟାପ୍ ପିନ୍ଧୁଥିଲେ। କେହି ଯଦି କେବେ ସେହି କ୍ୟାପ୍‌କୁ କାଢ଼ିବାକୁ କହୁଥିଲେ ସେ ଆଦୌ କାଢୁ ନ ଥିଲେ। ହେଲେ ନିକଟରେ ଏହି କ୍ୟାପ୍ ପିନ୍ଧିବା ରହସ୍ୟ ଉପରୁ ନିଜେ ପରଦା ହଟାଇଛନ୍ତି। କ୍ୟାପ୍ ହଟାଇବା ପରେ ସେ କହିଛନ୍ତି, 'ଏହା ପଛରେ ସେପରି କିଛି ରହସ୍ୟ ନ ଥିଲା। ବର୍ତ୍ତମାନ ମୁଁ ଅଭିନୟ କରୁଥିବା 'ପାନିପଥ' ଚଳଚ୍ଚିତ୍ରରେ ମୋ ହେୟାର ଷ୍ଟାଇଲକୁ କେହି ଯେପରି ଭାଇରାଲ ନ କରୁ ସେଥିପାଇଁ ମୁଁ କ୍ୟାପ୍ ପିନ୍ଧୁଥିଲି।' ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ଅର୍ଜୁନଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି କ୍ରିତି ସାନନ ଏବଂ ଫିଲ୍ମଟି ଚଳିତବର୍ଷ ଡିସେମ୍ବର ୬ରେ ପରଦା ଉପରକୁ ଆସୁଛି।

# ସାରା ଯାହା ଚାହୁଁଥିଲେ

ସାରା ଅଲ୍ଲୀ ଖାନ ଯାହା ଚାହୁଁଥିଲେ ତାହା ଯେ ଏମିତି ହଠାତ୍ ପୂରଣ ହୋଇଯିବ ତାହା ସେ ବିଶ୍ୱାସ କରିପାରୁନାହାନ୍ତି। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ତାଙ୍କ ଆଶା ଥିଲା ଯେ ସେ କେମିତି ହ୍ରିତିକ ରୋଶନଙ୍କ ସହ ଅଭିନୟ କରିବେ। ଏହାକୁ ନିକଟରେ ପୂରଣ କରିଛନ୍ତି ନିର୍ଦ୍ଦେଶକ ଆନନ୍ଦ ଏଲ. ରାଇ। ତାଙ୍କର ଆଗାମୀ ଫିଲ୍ମରେ ହ୍ରିତିକ ନାୟକ ସାଜୁଥିବା ବେଳେ ତାଙ୍କ ସହ ଫିମେଲ୍ ଲିଡ୍‌ରେ ଅବତୀର୍ଣ୍ଣ ହେବେ ସୈଫ ତନୟା ସାରା। ଫିଲ୍ମରେ ଧନୁଷ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ। ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।



# ପ୍ରେମରେ ପଡ଼ିଛନ୍ତି ତମନ୍ନା



ଓଡ଼ିଆ ଅଭିନେତ୍ରୀ ତମନ୍ନା ଏବେ ପ୍ରେମରେ ଉବୁଟୁବୁ। ପୁଣି ସେ ଏପରି ଯୁବକଙ୍କ ପ୍ରେମରେ ପଡିଛନ୍ତି ଯିଏ ଏକ ଅଦ୍ଭୁତ ଶକ୍ତିର ଅଧିକାରୀ। ସେହି ଶକ୍ତି ମଧ୍ୟ ତାଙ୍କୁ ଅନେକ ଅନୁପ୍ରାଣିତ କରିଛି। ହେଲେ ଏହି ପ୍ରେମ ଯାତ୍ରାରେ ତମନ୍ନା ସଫଳ ହେଉଛନ୍ତି ତ ? ଏହାର ଉତ୍ତର ଦେବା ପୂର୍ବରୁ ଆଉ ଏକ କଥା ସୂଚାଇ ଦେବା ଠିକ୍ ହେବ। କଥା କ'ଣ କି ତମନ୍ନା ପ୍ରେମରେ ପଡ଼ିବା ସତ, ହେଲେ ଏହାର ସଂଯୋଗ ରହିଛି ତାଙ୍କର ଅଭିନୟ ଜୀବନ ସହ। ଅର୍ଥାତ୍, ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ସୁପରବୟ'ରେ ତାଙ୍କୁ ମିଳିଛି ଏପରି ଏକ ରୋମାଣ୍ଟିକ ଭୂମିକା। ଏଥିରେ ସେ ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଥିବା ଜ୍ୟୋତିଙ୍କ ସହ ରୋମାନ୍ସ କରୁଥିବାର ଦେଖିବାକୁ ମିଳିବ। ଉକ୍ତ ଚଳଚ୍ଚିତ୍ରରେ ନିଜ ଭୂମିକା ସମ୍ପର୍କରେ ତମନ୍ନା କହନ୍ତି, 'ଏହି ଫିଲ୍ମରେ ମୁଁ ସାନ୍ୟା ଭୂମିକାରେ ଏବଂ ଜ୍ୟୋତି ପ୍ରେମ ଭୂମିକାରେ ଅଭିନୟ କରୁଛନ୍ତି। ହେଲେ ତାଙ୍କ ଭିତରେ ଥିବା ସେହି ସୁପର ଶକ୍ତି କ'ଣ ଏବଂ ତାହା ଦୁହିଁଙ୍କ ଜୀବନକୁ କିପରି ପ୍ରଭାବିତ କରୁଛି ତାହା ସିନେମା ଦେଖିଲେ ହିଁ ଜାଣିପାରିବେ।' କେ. ଆନୀସଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ସସପେନ୍ସ ଥ୍ରୀଲରରେ ଶୁଭାଶିଷ ଶର୍ମା (ମଣ୍ଟୁ) ନେଗେଟିଭ ଚରିତ୍ରରେ ଦେଖାଦେବେ।

ପ୍ରଥମ ରୋଜଗାର



ଲେଖିକା ତଥା ପ୍ରାଧ୍ୟାପିକା ମିନତି ମିଶ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ଦରମା ଟଙ୍କାରେ ଠାକୁରଙ୍କ ପାଖେ ଭୋଗ କରିଥିଲି

କେନ୍ଦ୍ରାପଡା ଜିଲା ମାର୍ଶାଘାଇଠାରେ ମୋ ଜନ୍ମ। ମାର୍ଶାଘାଇ ବାଳିକା ଉଚ୍ଚ ବିଦ୍ୟାଳୟରୁ ୧୯୮୧ରେ ଦଶମ ପାସ୍ କରିବା ପରେ କେନ୍ଦ୍ରାପଡା କଲେଜରେ ପଢିଥିଲି। ସେଠାରୁ ଓଡିଆ ଅନର୍ସରେ ବିଏ ସରିବା ପରେ ବାଣୀବିହାରରେ ପିଜି କଲି। ପିଜି ପରେ ରାଉରକେଲାରେ ଥିବା ବଡ଼ ଭଉଣୀଙ୍କ ଘରେ ରହି ସ୍ଥାନୀୟ ଏକ ବେସରକାରୀ କଲେଜରେ ଓଡିଆ ଅଧ୍ୟାପିକା ଭାବେ କାମ କରିବାକୁ ଲାଗିଲି। ତା'ସହିତ ସେଠାରେ ଥିବା ଏକ ଭୋକେଶନାଲ୍ ଟ୍ରେନିଂ ସ୍କୁଲ୍‌ରେ ବି ପିଲାଙ୍କୁ ଓଡିଆ ପଢାଉଥିଲି। ଏଥିରୁ ଯାହା ସ୍ୱଳ୍ପ ରୋଜଗାର ହେଉଥିଲା ତାହା ମୋ ହାତଖର୍ଚ୍ଚରେ ସରୁଥିଲା। ଏମିତି ବର୍ଷେ ବିତିବା ପରେ ସୁନ୍ଦରଗଡ଼ର ଢୁଢୁକା ଅଞ୍ଚଳରେ ଥିବା ଭେସଜ ପଟେଲ କଲେଜରେ ମୋତେ ଅଧ୍ୟାପିକା ଚାକିରି ମିଳିଲା। ସେତେବେଳେ ଏହି କଲେଜଟି ସେମିଗଭର୍ନମେଣ୍ଟ ଥିଲା। ତେଣୁ ମାତ୍ର ୫୨୫ ଟଙ୍କା ଦରମାରେ ମୋ ଚାକିରି ଜୀବନ ଆରମ୍ଭ ହେଲା। ସ୍ୱଳ୍ପ ହୋଇଥିଲେ ବି ପ୍ରଥମ ମାସର ଦରମା ହାତରେ ଧରିଲା ପରେ ଯେଉଁ ଖୁସି ମୋତେ ମିଳିଥିଲା ତାହା ଥିଲା ଅବର୍ଣ୍ଣନୀୟ। ହେଲେ ଘରଠାରୁ ଦୂରରେ ରହୁଥିବାରୁ (ଚାକିରି ସ୍ଥାନରେ) ବାପା ଓ ବୋଉଙ୍କ ହାତରେ ଦରମା ଟଙ୍କା ଦେବାର ସୌଭାଗ୍ୟ ପାଇ ନ ଥିଲି। ତେଣୁ ସେହି ଟଙ୍କାରୁ କିଛି ନେଇ ଠାକୁରଙ୍କ ପାଖେ ଆଗେ ଭୋଗ କଲି। ବାକି ଯାହା ବଳିଥିଲା ସେଥିରେ ସାନ ଭାଇ, ବଡ଼ ଭଉଣୀ ଓ ପୁତୁରାମାନଙ୍କ ପାଇଁ ଛୋଟ ଛୋଟ ଉପହାର କିଣି ଅତି ଉତ୍ସାହର ସହ ଛୁଟିକି ଅପେକ୍ଷା କରି ରହିଥିଲି ଘରକୁ ଯିବାପାଇଁ। ଯା' ଭିତରେ ଦୀର୍ଘ ୨୯ ବର୍ଷ ଅତିକ୍ରାନ୍ତ ହୋଇଗଲାଣି। କିନ୍ତୁ ମୁଁ ଏବେ ସେହି ଭେସଜ ପଟେଲ କଲେଜରେ ସେମିତି ଅଛି। ଅବଶ୍ୟ ୧୯୯୪ରୁ ଚାକିରି ରେଗୁଲାର୍ ହେବା ପରେ ମାତ୍ର ୩ ବର୍ଷ ପାଇଁ ମହର୍ଷି କଲେଜକୁ ମୋର ବଦଳି ହୋଇଥିଲା। ହେଲେ ତା'ପରେ ପୁଣି ଏହି କଲେଜକୁ ପଳେଇ ଆସିଥିଲି। ଏବେ ପ୍ରମୋଶନ ପାଇ ଅଧ୍ୟାପିକାରୁ ପ୍ରାଧ୍ୟାପିକା ବି ହୋଇଗଲିଣି। ମୋଟା ଅଙ୍କର ଦରମା ମଧ୍ୟ ପାଉଛି, କିନ୍ତୁ ସେହି ପ୍ରଥମ ମାସର ସ୍ୱଳ୍ପ ଦରମା ପାଇବାର ଖୁସିକୁ ଏବେ ବି ଝୁରି ହେଉଛି। ଚାକିରି ଜୀବନ ବାଦ୍ ଗପ ଓ କବିତା ଲେଖିବାରେ ମଧ୍ୟ ମୋର ରୁଚି ରହିଛି। ନବମ ଶ୍ରେଣୀରେ ପଢିଲାବେଳେ ଗୀତିକବିତା, ଭଜନ ଆଦି ଲେଖୁଥିଲି। କ୍ରମେ ଗୀତ ଲେଖିବାର ଧାରା ବଦଳିଥିଲା। ସେହିପରି କଲେଜରେ ପଢିବା ସମୟରେ କଲେଜ ମାଗାଜିନ୍ ପାଇଁ 'ଅଳିଭା ସ୍ମୃତି' ନାମକ ଏକ ଗପ ଲେଖିଥିଲି। ବାସ୍ ତା'ପରଠୁ ଗପ ଲେଖା ମୋର ଚାଲିଲା। ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳୀ ଉପରେ ମୋ ଗପଗୁଡ଼ିକ ପର୍ଯ୍ୟବସିତ। ଅନ୍ୟପକ୍ଷେ ସମାଜର ବିଭିନ୍ନ ରୂପରେଖ ତଥା ରୋମାଣ୍ଟିକ୍ ଭାବଧାରାକୁ ନେଇ ମୁଁ କବିତା ଲେଖିଥାଏ। ଯା'ଭିତରେ ଅନେକ ଖବରକାଗଜ ତଥା ମାଗାଜିନ୍‌ରେ ମୋର ବହୁ ଗପ ଓ କବିତା ପ୍ରକାଶ ପାଇସାରିଲାଣି। ତା'ଛଡ଼ା 'ଅମୃତ ରୂପା' ନାମରେ ଏକ କବିତା ସଂକଳନ ବି ମୋର ପ୍ରକାଶିତ ହୋଇସାରିଲାଣି। ସେହିପରି 'ସୁର୍' ନାମକ ଏକ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନର ମୁଁ ଏବେ ଜଣେ ସଦସ୍ୟା। ଏହି ଅନୁଷ୍ଠାନ ତରଫରୁ ବିଭିନ୍ନ ସମୟରେ ଭଜନ ସନ୍ଧ୍ୟା, କବିତା ଆସର ଆଦି ଆୟୋଜନ କରାଯାଇଥାଏ, ଯେଉଁଥିରେ ମୁଁ ମଞ୍ଚ ସଂଯୋଜନା କରିବାର ମୁଖ୍ୟ ଦାୟିତ୍ୱ ତୁଲାଇଥାଏ। ଶେଷରେ କେବଳ ଏତିକି କହିବି, ଆଜି ମୁଁ ଯେଉଁ ସ୍ଥାନରେ ଆସି ପହଞ୍ଚିଛି ତା' ପଛରେ ଠାକୁରଙ୍କର, ମୋ ଗୁରୁଜନମାନଙ୍କର ତଥା ମୋ ସ୍ୱାମୀଙ୍କର ଖୁବ୍ ସ୍ନେହାର୍ଶୀବାଦ ରହିଛି।

*–ଜୟନାରାୟଣ ମେଣ୍ଟୁଳି*

# ଅଳପ ଲାଜେଇ ଟିକେ ସିଆଣି ମନ କିଣିନେଲା ଚୋରାଚାହାଣି

**ପ୍ରଶ୍ନ**–ଜଣେ ସୁନ୍ଦରୀର ଚୋରାଚାହାଣି ମୋତେ ଘାଇଲା କରିଛି। ତା' ପ୍ରେମରେ ପଡିଯାଇଛି କହିଲେ କିଛି ଭୁଲ ହେବ ନାହିଁ। ହେଲେ ସେ କେମିତି ମୋ ମନ ଚୋରି କରିନେଲା ଜାଣିପାରୁନାହିଁ।

*–ଅନ୍ୱେଷ, ବାଲିକୁଦା, ଜଗତ୍‌ସିଂହପୁର*

**ଉତ୍ତର:** ବେଳେବେଳେ ପ୍ରେମର ନିଶା ଆରମ୍ଭରୁ ଏମିତି ଘାରିଥାଏ ଯେ କେତେବେଳେ ମନ ଚୋରି ହୋଇଯାଏ ତାହା ଜଣାପଡ଼େ ନାହିଁ। ଜାଣିଲା ବେଳକୁ ମନ ଡଙ୍ଗା ପ୍ରେମ ନଈରେ ବେଶ୍ ଆନନ୍ଦରେ ଭାସୁଥାଏ। 'ଅଳପ ଲାଜେଇ ଟିକେ ସିଆଣି ମନ କିଣିନେଲା ଚୋରା ଚାହାଣି।' ମନ ତ ଚୋରି ହୋଇ ସାରିଲାଣି। କେମିତି ହେଲା ସେକଥା ନ ଭାବି ପ୍ରେମ ଗାଡିର ବାଲାନ୍ସ ଠିକ୍ ରଖନ୍ତୁ। କାରଣ ପ୍ରେମ ଜୋସ୍‌ରେ ବେଳେବେଳେ ହୋସ ହରାଇ କେତେକ ପ୍ରେମିକ ପ୍ରେମ ରାସ୍ତାରୁ ବାହାରି ଯାଇଥାଆନ୍ତି।

**ପ୍ରଶ୍ନ**–ଏକାଥରେ ଦୁଇଜଣ ଝିଅଙ୍କୁ ମୁଁ ଭଲ ପାଉଥିଲି। ଦୁହେଁ ମୋତେ ଧୋକା ଦେଇ ଚାଲିଗଲେ। ଏବେ କ'ଣ କରିବି ?

*–ଅଜିତ କୁମାର, ନବରଙ୍ଗପୁର*

**ଉତ୍ତର:** ଏକାଥରେ ଦୁଇଜଣ ପ୍ରେମିକାଙ୍କୁ ମ୍ୟାନେଜ କରୁଥିଲେ, ରିୟଲି ୟୁ ଆର୍ ଗ୍ରେଟ୍ ! ହେଲେ ପ୍ରେମ କରିବା ବେଳେ ଦୁଇ ନାଆରେ ଗୋଡ ଦେଲେ ତାହାର ଫଳ କ'ଣ ହୁଏ ତାହାର ଉଦାହରଣ ଆଉ କାହାକୁ ପଚାରିବାର ଆବଶ୍ୟକତା ନାହିଁ। କାରଣ ନିଜେ ହିଁ ଭୁକ୍ତଭୋଗୀ। ତେଣୁ ପ୍ରେମ କରିବା ବେଳେ ଏପରି ଭୁଲ କରନ୍ତୁ ନାହିଁ, ଯେଉଁଥିପାଇଁ ନିଜ ଆଖିରୁ ଲୁହ ପୋଛିବାକୁ ଆଉ କେହି ନ ଥିବେ। ପ୍ରେମ ଜାଲରେ ଜଣଙ୍କୁ ହିଁ ବାନ୍ଧନ୍ତୁ, ଆଉ ଏପରି ବୁଦ୍ଧି ଆପ୍ଲାଏ କରନ୍ତୁ ଯେମିତି ପ୍ରେମ ମିଶନ କେବେ ଅନସକ୍‌ସେସ୍ ହେବ ନାହିଁ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଦେଖି କେତେବେଳେ ହସି ଦେଉଛି ତ କେତେବେଳେ ମୁହଁ ମୋଡି ଚାଲି ଯାଉଛି। ତାକୁ ପ୍ରେମ ନିବେଦନ କରିବା ଠିକ୍ ହେବ କି ?

*–ନରେଶ ରାଉତ, ରେଢ଼ାଖୋଲ, ସମ୍ବଲପୁର*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଲାଗୁଛି ପ୍ରେମର ଆରମ୍ଭ କରିବାକୁ ପାଣିପାଗ ଆଦୌ ସୁଇଟେବଲ୍ ନୁହେଁ। ସେ ଝିଅଟି କେତେବେଳେ ହସି ଦେଉଛି ତ କେତେବେଳେ ମୁହଁ ମୋଡି ଚାଲିଯାଉଛି। ଯଦି ତାହାର ମାନସିକତାକୁ ଭଲ ଭାବରେ ଷ୍ଟଡି କରିପାରିଲେ ଆଉ ତା'ପରେ ଆଗେଇଲେ କିଛି କ୍ଷତି ନାହିଁ। ହେଲେ ହଁ–ନାହିଁର ଦୋଛକିରେ ଠିଆ ହୋଇ ସେହି ସୁନ୍ଦରୀ କଥା ଭାବିଲେ ମରୀଚିକା ପଛରେ ଗୋଡ଼ାଇବା ପରି ହୋଇପାରେ।

**ପ୍ରଶ୍ନ**–ପରବୁଦ୍ଧିରେ ପଡି ପ୍ରେମ କରି ନାମ ନେଲା ପରେ ପୁଣି ପ୍ରେମ କରିବାକୁ ମନ ହେଉଛି। କ'ଣ କରିବି ?

*–ଉତ୍ତମ, ଯାଜପୁର*

**ଉତ୍ତର:** ପରବୁଦ୍ଧିକୁ ଭଲ ଭାବରେ ନ ପରଖି ଆଗେଇଲେ ଏମିତି ଫଳ ହୋଇଥାଏ। ପ୍ରେମ ଜର୍ନି ଆରମ୍ଭ କରିବା ପୂର୍ବରୁ ସବୁବେଳେ ନିଜ ମଗଜ ଖଟାନ୍ତୁ। କାହା କଥାରେ ଭୋଳ ହୋଇ ଯଦି ଆଗେଇବେ ତେବେ ଫଳାଫଳ ପିତା ଲାଗିଲେ କାହାକୁ ଦୋଷ ଦେବେ ଥରେ ଭାବନ୍ତୁ ନା !

ସାଥୀ



# ଦାମୀ ବ୍ୟାଗ୍

**ଡିଜାଇନର୍ ତଥା ବ୍ରାଣ୍ଡେଡ୍ ହ୍ୟାଣ୍ଡବ୍ୟାଗ୍ର ସଉକ ଅଧିକାଂଶ ମହିଳାଙ୍କ ଭିତରେ ରହିଛି। କିନ୍ତୁ ଏମିତି କିଛି ହ୍ୟାଣ୍ଡବ୍ୟାଗ୍ ଅଛି, ଯାହାର ଦାମ୍ କାହାକୁ ବି କରିଦେବ ଆଶ୍ଚର୍ଯ୍ୟ ଚକିତ। ଗୋଲ୍ଡ ଓ ଡାଇମଣ୍ଡରେ ସଜେଇ ହୋଇଥିବା ଏମିତି କିଛି ହ୍ୟାଣ୍ଡବ୍ୟାଗ୍ ସମ୍ପର୍କରେ...**





**ମୌୱାଡ ୧୦୦୧ ନାଇଟ୍ସ ଡାଇମଣ୍ଡ ପର୍ସ:** ଏହି ବ୍ୟାଗ୍ର ଦାମ୍ ୩.୮ ମିଲିଅନ୍ ଡଲାର। ଏହା ବିଶ୍ୱର ସବୁଠୁ ଦାମୀ ହ୍ୟାଣ୍ଡବ୍ୟାଗ୍। ୨୦୧୧ ମସିହାରେ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ଏହା ସ୍ଥାନ ପାଇଛି। ହାର୍ଟ ଭଳି ଦେଖିବାକୁ ଏହି ବ୍ୟାଗ୍ରେ ୩୮୧.୯୨ କ୍ୟାରେଟ୍ର ୪, ୫୧୭ଟି ହୀରା ଖଚିତ ହୋଇଛି। ସେଥିରେ ୫୬ଟି ପିଙ୍କ,୧୦୫ଟି ୟେଲୋ ଓ ୪, ୩୫୬ଟି କଲର୍ଲେସ ଭାରିଆଣ୍ଟ ଡାଇମଣ୍ଡ ରହିଛି। ୧୦ ଜଣ କୁଶଳୀ କାରିଗର ୮,୮୦୦ ଘଣ୍ଟାରେ ଏହି ପର୍ସକୁ ତିଆରି କରିଛନ୍ତି।





**ହର୍ମେସ୍ କେଲି ରୋଜ ଗୋଲ୍ଡ:** ଏହି ବ୍ୟାଗ ଉପରେ କୁମ୍ଭୀର ଚମଡାର ପ୍ୟାଚ୍ ଭଳି କାରୁକାର୍ଯ୍ୟ କରାଯାଇଛି। ହର୍ମେସ ଓ ଜୁଏଲର ପିୟର୍ସ ହାର୍ଡିଙ୍କ ମିଳିତ ଉଦ୍ୟମରେ ଏହାକୁ ତିଆରି କରାଯାଇଛି। ଏଥିରେ ୧,୧୬୦ଟି ଡାଇମଣ୍ଡ ଖଚିତ ହୋଇଛି। ଏହାର ମୂଲ୍ୟ ୨ ମିଲିଅନ ଡଲାର।



**ହର୍ମେସ ବିର୍କିନ ବ୍ୟାଗ୍:** ଜାପାନିଜ୍ ଡିଜାଇନର୍ ଗିଞ୍ଜା ଟନକା ଦ୍ୱାରା ପ୍ରସ୍ତୁତ ଏହି ବ୍ୟାଗ୍ର ଦାମ୍ ୧.୯ ମିଲିଅନ ଡଲାର । ବ୍ୟାଗ୍ର ବଡିକୁ ୧୦୦ ପ୍ରତିଶତ ପ୍ଲାଟିନମ୍ରେ ତିଆରି କରାଯାଇଛି। ଏଥିରେ ୨୦୦୦ଟି ହୀରା ଖଞ୍ଜା ଯାଇଛି। ନାସ୍ପାତି ଆକାରର ୮ କ୍ୟାରେଟ୍ର ସିମରିଂ ଡାଇମଣ୍ଡ ମଧ୍ୟ ଲଗାଯାଇଛି। ଘଣ୍ଟାବ୍ୟାଣ୍ଡ ଆକାରରେ ଖଞ୍ଜାଯାଇଥିବା ହୀରାକୁ ବ୍ରେସଲେଟ କିମ୍ବା ନେକ୍ଲେସ ଭାବେ ବ୍ୟବହାର କରିହେବ।



**ହରମେସ ଚେନ୍ଡ୍ ଆଙ୍କର୍ ବ୍ୟାଗ:** ଚେନ୍ ଗୁଡିକ ଛନ୍ଦାଛନ୍ଦି ହୋଇ ରହିଥିବା ଭଳି ଡିଜାଇନର ଏହି ବ୍ୟାଗରେ ୧,୧୬୦ଟି ଡାଇମଣ୍ଡ ଖଞ୍ଜା ହୋଇଛି। ପିରି ହାର୍ଡିଙ୍କ ଦ୍ୱାରା ଡିଜାଇନଡ୍ ଏହି ବ୍ୟାଗର ମାତ୍ର ତିନିଟି କଲେକସନ ରହିଛି। ଏହାର ଦାମ୍ ୧.୪ ମିଲିଅନ ଡଲାର।



**ଲାନା ମାର୍କ୍ସ କ୍ଲିଓପାର୍ଟା କ୍ଲଚ୍:** ଲାନା ମାର୍କ କମ୍ପାନୀ ବର୍ଷକୁ କେବଳ ଗୋଟିଏ କ୍ଲିଓପାର୍ଟା ବ୍ୟାଗ ତିଆରି କରେ। ତାହାର ଡିଜାଇନ ଓ କଲର୍ ଅଲଗା ରହେ। ମେଟାଲିକ୍ ସିଲ୍ଭର୍ ରଙ୍ଗର କୁମ୍ଭୀର(ଆମେରିକାରେ ଦେଖାଯାନ୍ତି) ଚମଡାରେ ଏହି ବ୍ୟାଗ ତିଆରି କରାଯାଏ। ଏଥିରେ ୧୮ କ୍ୟାରେଟ୍ର ହ୍ୱାଇଟ ଗୋଲ୍ଡରେ ୧,୫୦୦ ବ୍ଲାକ୍ ଓ ହ୍ୱାଇଟ ଡାଇମଣ୍ଡ ଖଞ୍ଜାଯାଇଛି। ଏହି ବ୍ୟାଗ୍ର ମୂଲ୍ୟ ୪ ଲକ୍ଷ ଡଲାର ।

**ନିଲୋଟିକସ କ୍ରୋକୋଡାଇଲ ହିମାଳୟା ବିର୍କିନ:** କୁମ୍ଭୀର ଚମଡାରେ ଏହି ବ୍ୟାଗ ପ୍ରସ୍ତୁତ କରାଯାଇଛି। ଏହି ବ୍ୟାଗ୍ ଉପରେ ହିମାଳୟର ପର୍ବତ ଶିଖରରେ ଆଚ୍ଛାଦିତ ଧଳା ବରଫର ଛବିକୁ ଡିଜାଇନ କରାଯାଇଛି। ଏଥିରେ ୧୮ କ୍ୟାରେଟ ଗୋଲ୍ଡରେ ୨୪୦ଟି ଡାଇମଣ୍ଡ ଖଞ୍ଜାଯାଇଛି। ଦାମ୍ ରହିଛି ପ୍ରାୟ ୩୭୯,୦୦୦ ଡଲାର।

**ଚାନେଲ 'ଡାଇମଣ୍ଡ ଫର୍ଏଭର' ହ୍ୟାଣ୍ଡ ବ୍ୟାଗ୍:** ଏହି ବ୍ୟାଗ୍ର ଦାମ୍ ୨୬୧,୦୦୦ ଡଲାର। ୧୮ କ୍ୟାରେଟର ହ୍ୱାଇଟ ଗୋଲ୍ଡରେ ମୋଟ୍ରେ ୩.୫୬ କ୍ୟାରେଟ୍ର ୩୩୪ଟି ହୀରା ଲଗାଯାଇଛି। ବ୍ୟାଗର ସୋଲ୍ଡର ଷ୍ଟ୍ରାପ ୧୮ କ୍ୟାରେଟ ହ୍ୱାଇଟ୍ ଗୋଲ୍ଡ ଚେନରେ ତିଆରି ହୋଇଛି, ଯାହାକୁ ସହଜରେ ବାହାର କରିହେବ। ଚାନେଲର ଏଭଳି ମାତ୍ର ୧୩ଟି ବ୍ୟାଗ ରହିଛି।

**ଫୁକସିଆ ଡାଇମଣ୍ଡ-ଷ୍ଟଡେଡ୍ ହର୍ମେସ ବିର୍କିନ ବ୍ୟାଗ୍:** ଏହି ବ୍ୟାଗରେ ୧୮ କ୍ୟାରେଟର ହ୍ୱାଇଟ୍ ଗୋଲ୍ଡ ଓ ଡାଇମଣ୍ଡର କାରୁକାର୍ଯ୍ୟ ହୋଇଛି। ଏହାର ଦାମ୍-୨୨୨,୦୦୦ ଡଲାର।





ସୋନାଲୀ-ଅଞ୍ଜଳି

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ- କୁମାର ଶରତ, ଧରିତ୍ରୀ**

## ହାଃ ହାଃ

### ଖାଲି

ପୁଅ ବାପାଙ୍କୁ- ବାପା ମୋ ପେଟ କାଟୁଛି।
ବାପା- ତୋ ପେଟ ଖାଲି ଅଛି ତ ସେଥିପାଇଁ କାଟୁଛି।
ପୁଅ- ମୁଁ ଏବେ ବୁଝିଲି ବାପା, ତୁମର ମୁଣ୍ଡ କାହିଁକି ବିନ୍ଧେ।

### ପାଣି

ସ୍ୱାମୀ ସ୍ତ୍ରୀକୁ-ପାଣି ପିଇବାକୁ ଦେଲ।
ସ୍ତ୍ରୀ- ଶୋଷ ଲାଗୁଛି ନା କ'ଣ ?
ସ୍ୱାମୀ(ରାଗିକି)- ନାଇଁ, ତଣ୍ଟିରେ କୋଉଠି ଲିକ୍ ହୋଇଛି ନା ନାଇଁ ଚେକ୍ କରିବି।

### ଜୋଶ୍

ରାଜେଶ ପପୁକୁ- ସେଦିନ ପ୍ରେମିକାକୁ କିସ୍ ଦେଇ ଏତେ ଜୋଶ୍ ଆସିଲା...
ପପୁ- ବାଃ ବାଃ...
ରାଜେଶ-ସେଦିନ ପ୍ରେମିକାକୁ କିସ୍ ଦେଇ ଏତେ ଜୋଶ୍ ଆସିଲା...
ପପୁ- ଆଗକୁ କହନ୍ତୁ।
ରାଜେଶ- ସ୍ତ୍ରୀ ମୋର ଦେଖିଦେଲା, ଆଇସିୟୁରେ ହୋସ୍ ଆସିଲା।





# କୈମୁର୍ ଅଭୟାରଣ୍ୟ







**ବିହାରର କୈମୁର୍ ଜିଲାରେ ଥିବା କୈମୁର୍ ବନ୍ୟପ୍ରାଣୀ ଅଭୟାରଣ୍ୟ ହେଉଛି ସ୍ଥାନୀୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ପ୍ରାୟ ୧୩୪୨ ବର୍ଗ କି.ମି. ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢି ଉଠିଥିବା ଏହି ଅଭୟାରଣ୍ୟଟି ବିହାରର ଏକ ବଡ଼ ଅଭୟାରଣ୍ୟ ଭାବେ ଜଣାଯାଇଥାଏ...**

ବିହାରର କୈମୁର ଜିଲା ଅନ୍ତର୍ଗତ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ହେଉଛି କୈମୁର ବନ୍ୟପ୍ରାଣୀ ଅଭୟାରଣ୍ୟ। ପ୍ରାୟ ୧୩୪୨ ବର୍ଗ କି.ମି. ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢି ଉଠିଥିବା ଏହି ଅଭୟାରଣ୍ୟରେ ବିଭିନ୍ନ ବିରଳ ପଶୁପକ୍ଷୀଙ୍କ ସମେତ ବହୁ ମୂଲ୍ୟବାନ ବୃକ୍ଷଲତା ଦେଖିବାକୁ ମିଳିଥାଏ। ତା'ଛଡ଼ା ନିକଟରେ କେତେକ ହ୍ରଦ ଓ ଝରଣା ବି ରହିଛି। ଖାସ୍ ସେଥିପାଇଁ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଭିଡ଼ ଲାଗି ରହିଥାଏ।

### କେବେ ଯିବେ

ଏଠାକୁ ବର୍ଷର ଯେ କୌଣସି ସମୟରେ ବୁଲି ଯିବାର ସୁବିଧା ରହିଛି। ତେବେ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁସାରେ, ଅକ୍ଟୋବରରୁ ଜୁନ୍ ହେଉଛି ଏଠାକୁ ବୁଲିଯିବା ପାଇଁ ସବୁଠୁ ଭଲ ସମୟ। ତଥାପି ଜୁଲାଇରୁ ସେପ୍ଟେମ୍ବର ଭିତରେ ବି ଅନେକ ପର୍ଯ୍ୟଟକ କିଛି ନିଆରା ଅନୁଭୂତି ସାଉଁଟିବା ପାଇଁ ଏଠାକୁ ବୁଲି ଯାଉଥିବାର ଦେଖିବାକୁ ମିଳିଥାଏ।

### କେମିତି ଯିବେ

ଏହାର ନିକଟତମ ବିମାନବନ୍ଦର ହେଉଛି ବାରାଣସୀ, ଯାହା କୈମୁର ବନ୍ୟପ୍ରାଣୀ ଅଭୟାରଣ୍ୟଠାରୁ ପ୍ରାୟ ୧୨୧ କି.ମି. ଦୂରରେ ଅବସ୍ଥିତ। ଉକ୍ତ ବିମାନବନ୍ଦରରେ ଓହ୍ଲାଇ ସାରିବା ପରେ ସେଠାରୁ ଟ୍ୟାକ୍ସି କିମ୍ବା ଲୋକାଲ୍ ବସ୍ ସାହାଯ୍ୟରେ ସୁବିଧାରେ ଯାଇ ଏହି ଅଭୟାରଣ୍ୟ ନିକଟରେ ପହଞ୍ଚିପାରିବେ। ସେହିପରି ଭାବୁଆ ରୋଡ୍ ରେଲୱେ ଷ୍ଟେଶନ ହେଉଛି ଏହାର ନିକଟତମ ରେଲଷ୍ଟେଶନ। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ଏହି ଅଭୟାରଣ୍ୟ ନିକଟରେ ପହଞ୍ଚିପାରିବେ।

### କ'ଣ ଦେଖିବେ

ଏହି ଅଭୟାରଣ୍ୟରେ ମୁଖ୍ୟତଃ ବାଘ, ଚିତାବାଘ, ଭାଲୁ, ସମ୍ବର, ହରିଣ, ନୀଳଗାଈ, ଜଙ୍ଗଲୀ ଘୁଷୁରି ଇତ୍ୟାଦି ପଶୁ ଦେଖିବାକୁ ମିଳିଥାନ୍ତି। ତା'ଛଡ଼ା ପ୍ରାୟ ୭୦ ପ୍ରଜାତିର ପକ୍ଷୀ ବି ଏଠାରେ ଦେଖାଯାଇଥାନ୍ତି। ଆଉ ଶୀତଦିନ ହେଲେ ଆହୁରି ଅନେକ ପ୍ରଜାତିର ଭ୍ରମଣକାରୀ ପକ୍ଷୀ ଏଠାକୁ ଉଡି ଆସିଥାନ୍ତି, ଯାହା ଖୁବ୍ ଆକର୍ଷଣୀୟ ଲାଗିଥାଏ। ତା'ଛଡ଼ା ଉକ୍ତ ଅଭୟାରଣ୍ୟ ନିକଟରେ ଥିବା ଅନୁପମ୍ ନାମକ ହ୍ରଦରେ ବିଭିନ୍ନ ପ୍ରକାର ମାଛ ଦେଖିବାର ଏକ ନିଆରା ଅନୁଭୂତି ବି ମିଳିଥାଏ ପର୍ଯ୍ୟଟକଙ୍କୁ। ସେହିପରି ଜାତିଜାତିକା ସାପଙ୍କୁ ଦେଖିବା ନିମନ୍ତେ ଉକ୍ତ ଅଭୟାରଣ୍ୟ ତରଫରୁ ଏକ ସ୍ୱତନ୍ତ୍ର ଗ୍ୟାଲେରି ମଧ୍ୟ ଏଠାରେ ନିର୍ମାଣ କରାଯାଇଛି।

### ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀ

କୈମୁର ବନ୍ୟପ୍ରାଣୀ ଅଭୟାରଣ୍ୟ ନିକଟରେ ଏକାଧିକ ଝରଣା ମଧ୍ୟ ଦେଖିବାକୁ ମିଳିଥାଏ। ତନ୍ମଧ୍ୟରୁ କର୍କଟ ଝରଣା ହେଉଛି ଅନ୍ୟତମ। ଏହା ସ୍ଥାନୀୟ କୈମୁର୍ ନାମକ ଏକ ପାହାଡ ଉପରୁ ଝରିଥାଏ। ଏଠାରେ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ବୋଟିଂ, ସୁଇମିଂ, ଫିଶିଂ ଆଦି ସୁବିଧା ଉପଲବ୍ଧ ଅଛି। ସେହିପରି ଆଉ ଏକ ଝରଣା ହେଉଛି ତେଲ୍‌ହାର। ଅନ୍ୟପକ୍ଷେ ଅନୁପମ୍ ନାମକ ହ୍ରଦର ଅପରୂପ ସୌନ୍ଦର୍ଯ୍ୟ ବି ଏଠାକାର ଅନ୍ୟତମ ମୁଖ୍ୟ ଆକର୍ଷଣ।







# ସାରା ଜୀବନ ଏକାଠି ରହିବା ସଂକଳ୍ପରେ ୭ ବାନ୍ଧବୀ




୭ ବାନ୍ଧବୀ, ଦୀର୍ଘ ୨୦ ବର୍ଷର ସେମାନଙ୍କ ସମ୍ପର୍କ। ବାନ୍ଧବୀ ନୁହେଁ ତ ସେମାନେ ଭଉଣୀ ପରି। ଆଉ ଏହି ସମ୍ପର୍କକୁ ସାରା ଜୀବନ ବଜାୟ ରଖିବାକୁ ବି ସେମାନେ ସଂକଳ୍ପବଦ୍ଧ। ଚାଇନାର ଏହି ସାତ ବାନ୍ଧବୀ ଖାସ୍ ସେଥିପାଇଁ ଏକ ସ୍ୱପ୍ନର ଘର ବି ତିଆରି କରିଛନ୍ତି। ଗୁଆଙ୍ଗଝୁ ସହରତଳିରେ ଚାଷ ଜମି ପାଖାପାଖି ଏକ ୭୦୦ ବର୍ଗମିଟରର ଅର୍ଦ୍ଧନିର୍ମିତ ଘର ସେମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଆଉ ତାକୁ ସେମାନଙ୍କ ସ୍ୱପ୍ନର ମହଲ କରିବାକୁ ନିଷ୍ପତ୍ତି ନେଲେ। ସେଥିପାଇଁ ସମସ୍ତେ ଅର୍ଥ ଖର୍ଚ୍ଚ କରି ତାକୁ କିଣି ନେଲେ। ପରେ ସେମାନେ ନିଜ ପସନ୍ଦରେ ତାକୁ ପୁନଃ ନିର୍ମାଣ କଲେ। ବର୍ତ୍ତମାନ ଏହା ଏକ ସୁନ୍ଦର ଆଧୁନିକ ମାନ୍‌ସନରେ ପରିଣତ ହୋଇଛି। ଏହାର ଚତୁଃପାର୍ଶ୍ୱରେ ସୁନ୍ଦର ପାହାଡ, ଜଙ୍ଗଲ, ବଗିଚା ରହିଛି। ଗ୍ରାଉଣ୍ଡ ଫ୍ଲୋରରେ ଏକ ବଡ ରୁମ୍ ସମସ୍ତଙ୍କ ପାଇଁ ରହିଛି। ଆଉ ଉପର ମହଲାରେ ସମସ୍ତଙ୍କ ପାଇଁ ଅଲଗା ଅଲଗା ବେଡ୍‌ରୁମ୍ ରହିଛି। ଘରର ଇଣ୍ଟେରିୟର୍ ବେଶ୍ ଆକର୍ଷକ। ସମସ୍ତେ ଚା' ପ୍ରିୟ ହୋଇଥିବାରୁ ଘର ନିକଟସ୍ଥ ଚାଷ ଜମିକୁ କାଠର ରାସ୍ତା କରି ଜମି ମଝିରେ ମଣ୍ଡପ ଭଳି କରିଛନ୍ତି। ଯେଉଁଠି ସେମାନେ ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରି ଚା'ର ମଜା ନିଅନ୍ତି। ସହରଠୁ ଏହି ଘର ଏକ ଘଣ୍ଟାର ଦୂରତାରେ ଅବସ୍ଥିତ। ସେମାନେ ଏକାଠି ରାନ୍ଧନ୍ତି, ଗୀତ ଗାଆନ୍ତି, ଗାଁକୁ ଯାଇ ଖାଦ୍ୟ ସଂଗ୍ରହ କରନ୍ତି। ପ୍ରତିମୁହୂର୍ତ୍ତକୁ ବେଶ୍ ହସଖୁସିରେ ବିତାନ୍ତି। ବାକି ଜୀବନ ବି ଏହିଭଳି ବିତିଯିବ ବୋଲି ଆଶା ରଖିଛନ୍ତି।







## କାର୍ଟୁନ କର୍ନର



# କେବଳ ଭଲ ଅଭିନେତ୍ରୀ ନୁହନ୍ତି, ଭଲ ଭଉଣୀ ମଧ୍ୟ

'ବାଘାଯତୀନ ଲୋକନାଟ୍ୟ'ର ଲୋକପ୍ରିୟ ନାଟକ ଅରୁଣ ନାୟକଙ୍କ ରଚିତ ତଥା ମହେଶ ହାଜରାଙ୍କ ନିର୍ଦ୍ଦେଶିତ 'ମୃତ୍ୟୁଦଣ୍ଡ' ତଥା 'ତୋ ନାଁକୁ ମୋ ନାଁରେ ଦେଇଛି ଯୋଡ଼ି' ଦେଖିଥିବା ଦର୍ଶକମାନେ ନିଶ୍ଚୟ ମନେପକେଇ ପାରିବେ ପିଙ୍କିଙ୍କୁ। ଦୁଇଟି ନାଟକରେ ତାଙ୍କର ଥିଲା ଭଉଣୀର ଭୂମିକା। ମଞ୍ଚ ଉପରେ ସେ ଲାଗୁଥିଲେ ସତସତିକା ଭଉଣୀଟେ ପରି। ଭାଇର ଦୁଃଖରେ ଯାହାଙ୍କ ଆଖିରୁ ସତସତିକା ଲୁହ ଝରୁଥିଲା। ଭାଇକୁ କିଛି କହିଲେ ସେହି କଥାଗୁଡ଼ାକ ତାଙ୍କ ଛାତିକୁ ଆସି ଚିରି ଦେଇ ଯାଉଥିଲା। ଭଉଣୀ ଚରିତ୍ରରେ ଅଭିନୟ କରି ପିଙ୍କି କେବଳ ଦର୍ଶକଙ୍କୁ ବିମୋହିତ କରୁ ନ ଥିଲେ ; ଅଧିକନ୍ତୁ ନାଟକ ଭିତରେ ମଜ୍ଜି ଯାଇଥିବା ଦର୍ଶକଙ୍କ ପାଇଁ ସେ ପାଲଟି ଯାଉଥିଲେ ଜଣେ ସତସତିକା ଭଉଣୀ।

ତେବେ ଏକଥା ଯଦି କୁହାଯାଏ, ପିଙ୍କି ଓରଫ୍ ସାଗରିକା ବିଶୋୟୀ କେବଳ ମଞ୍ଚରେ ଜଣେ ଭଲ ଭଉଣୀ ନୁହନ୍ତି ; ସେ ସତସତିକା ଜୀବନରେ ମଧ୍ୟ ଜଣେ ଖୁବ୍ ସ୍ନେହୀ ତଥା ଦାୟିତ୍ୱସମ୍ପନ୍ନା ଭଉଣୀ – ତା'ହେଲେ ହୁଏତ ଆପଣମାନଙ୍କର ବିଶ୍ୱାସ ହୋଇ ନ ପାରେ। ମାତ୍ର କଥାଟି ସତ। ଘରେ ସେ ତାଙ୍କ ଭାଇ ଭଉଣୀଙ୍କ ପାଇଁ କେବଳ ଜଣେ ଭଉଣୀ ନୁହନ୍ତି ; ସେ ସେମାନଙ୍କ ପାଇଁ ଏକାଧାରରେ ଭାଇ, ଭଉଣୀ, ବାପା, ମା' ସବୁକିଛି। ଆଉ କୌଣସି ଗପର କାହାଣୀଠାରୁ କିଛି କମ୍ ଦୁଃଖଦାୟକ ନୁହେଁ ତାଙ୍କ ଜୀବନର କାହାଣୀ।

କଟକର ପଦ୍ମପୁର ହେଉଛି ପିଙ୍କିଙ୍କ ଗାଁ। ଭାଇ ଭଉଣୀ ତିନିଜଣ ବେଶ୍ ହସଖୁସିରେ ଜୀବନ କାଟୁଥିଲେ। ଅଚାନକ ଗ୍ରହଣ ଲାଗିଗଲା ତାଙ୍କ ହସଖୁସିର ସଂସାରରେ। ପିଙ୍କିଙ୍କୁ ମାତ୍ର ୭ବର୍ଷ ବୟସ। ଅନ୍ୟ ଭାଇଭଉଣୀ ଦୁଇଜଣ ଛୋଟ ପିଲା। ବାପା ଚାଲିଗଲେ। ସେତିକିରେ ଶେଷ ହେଲାନି ଦୁଃଖ। ଏହାର ଠିକ୍ ପାଞ୍ଚବର୍ଷ ପରେ ଅର୍ଥାତ୍ ପିଙ୍କିଙ୍କୁ ଯେତେବେଳ ୧୨ବର୍ଷ ସେତେବେଳେ ମା'ଙ୍କର ବିୟୋଗ ହେଲା। ପିଙ୍କି ଏ ଦୁନିଆରେ ଏକୁଟିଆ ହୋଇଗଲେ। ପୁଣି ତାଙ୍କ କୋଳରେ ଦୁଇଜଣ ସାନ ଭାଇଭଉଣୀ। ତାଙ୍କୁ କେବଳ ନିଜ ପାଇଁ ବଞ୍ଚିବାକୁ ପଡ଼ିବନି। ସାନ ଭାଇଭଉଣୀଙ୍କୁ ମଣିଷ କରିବାକୁ ହେବ। ସେମାନଙ୍କ ପାଇଁ ଖାଲି ବଡ଼ ଭଉଣୀ ନୁହେଁ ; ମା'ବାପା ହେବାକୁ ପଡ଼ିବ। ତେବେ ହାର ମାନି ନ ଥିଲେ ପିଙ୍କି। କମର କଷି ଭାଇଭଉଣୀଙ୍କୁ ମଣିଷ କରିବାକୁ ଶପଥ ନେଇଥିଲେ।

ୟେ ତ ଗଲା ପିଙ୍କିଙ୍କ ବାସ୍ତବ ଜୀବନର କଥା। ପିଙ୍କିଙ୍କ ଯାତ୍ରାକୁ ଆସିବା ଘଟଣାଟି ମଧ୍ୟ ବେଶ୍ ନାଟକୀୟ। କଟକ ନିକଟସ୍ଥ ଗୋପାଳପୁରଠାରେ 'ତ୍ରିରଙ୍ଗା' ଯାତ୍ରାନୁଷ୍ଠାନର ଆଖଡ଼ା ଚାଲିଥାଏ। ପିଙ୍କିଙ୍କର ଜଣେ ସାଙ୍ଗ ଯାତ୍ରାରେ ଇଣ୍ଟରଭ୍ୟୁ ଦେବାକୁ ଆସିଥିଲେ। ପିଙ୍କି ତାଙ୍କ ସାଥିରେ ଆସିଥିଲେ ଆଖଡ଼ା ଦେଖିବା ପାଇଁ। ତେବେ ସାଙ୍ଗଙ୍କ ସହିତ ସେ ବି ଇଣ୍ଟରଭ୍ୟୁ ଦେଲେ। ପିଙ୍କିଙ୍କ ସାଙ୍ଗ ଉତ୍ତୀର୍ଣ୍ଣ ହୋଇପାରିଲେନି। ମାତ୍ର ପିଙ୍କି ସିଲେକ୍ଟ ହୋଇଗଲେ। ଯାତ୍ରାକୁ ଆସିଲେ ପିଙ୍କି। ପ୍ରଥମ ନାଟକ ଥିଲା 'ତ୍ରାହି ଲକ୍ଷ୍ମଣ'। ପିଙ୍କି ଯାହା ବି କରୁଥିଲେ ହୃଦୟର ସହ କରୁଥିଲେ। କାରଣ ତାଙ୍କୁ ତାଙ୍କର ଭାଇଭଉଣୀ ଦୁହିଙ୍କୁ ମଣିଷ କରିବାର ଥିଲା।

ଏବେ ଯାତ୍ରାଜଗତର ଜଣେ ଲୋକପ୍ରିୟ ଅଭିନେତ୍ରୀ ପିଙ୍କି। 'ତ୍ରିରଙ୍ଗା' ପରେ ପରେ 'ନିୟତି', 'ଟାଇଗର ତାରିଣୀ', 'ସଚ୍ଚିଦାନନ୍ଦମ୍', 'ତ୍ରିନାଥ' ଆଦି ଅନୁଷ୍ଠାନରେ କାମ କରି ଏବେ ଆସି ପହଞ୍ଚିଛନ୍ତି ବାଘାଯତୀନ ଲୋକନାଟ୍ୟରେ। ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରୁ କେତୋଟି ହେଉଛି 'ଏମିତି ନାରୀକୁ ଦୂରୁ ଜୁହାର', 'ସୁନା କଣ୍ଢେଇ', 'ଝରଣା ଖୋଜୁଛି ନିଜ ଠିକଣା', 'ତୋ ନାଁରେ ମୋ ନାଁକୁ ଦେଇଛି ଯୋଡ଼ି', 'ମୃତ୍ୟୁଦଣ୍ଡ'। ଚଳିତବର୍ଷ ତାଙ୍କ ହାତରେ ରହିଛି 'ସୀତାର ଜଳୁଛି ଚିତା', 'ତମ ସିନ୍ଦୂର କୋଉ ସ୍ୱାମୀ'ର ଏବଂ 'ସତ ସିନ୍ଦୂରକୁ ମିଛ କନିଆଁ' ଭଳି ନାଟକ।

ପିଙ୍କି କେବଳ ଯାତ୍ରା ଜଗତରେ ନିଜକୁ ପ୍ରତିଷ୍ଠିତ କରିନାହାନ୍ତି। ଭାଇ ଭଉଣୀଙ୍କୁ ମଧ୍ୟ ମଣିଷ କରିଛନ୍ତି। ଭାଇ ଭଉଣୀଙ୍କୁ ବାହା ଦେଇଛନ୍ତି। ଏବେ ମଧ୍ୟ ପିଙ୍କି ସେମାନଙ୍କ ପାଇଁ ଭଉଣୀ ନୁହେଁ ; ମା'। ତେବେ ଏତେ ସବୁ ଦାୟିତ୍ୱ ମଧ୍ୟରେ ନିଜ କଥା ଭୁଲି ଯାଇଛନ୍ତି ପିଙ୍କି। ''ମୁଁ ମୋ କଥା ଚିନ୍ତା କରିନି। ଚିନ୍ତା କରିବାକୁ ସମୟ ପାଇନି। ଭଗବାନ ମୋ ଭାଇଭଉଣୀଙ୍କୁ ମଣିଷ କରିବା ପାଇଁ ମୋତେ ଯେଉଁ ଦାୟିତ୍ୱ ଦେଇଥିଲେ ତାହାକୁ ମୁଁ ମୋ କର୍ତ୍ତବ୍ୟ ବୋଲି ମାନିନେଇଛି। ମୋ ଭାଇ ଭଉଣୀଙ୍କ ସଂସାର ମୋ ସଂସାର। ସେମାନଙ୍କ ଖୁସି ହେଉଛି ମୋ ଖୁସି'' ବୋଲି କହନ୍ତି ଏହି ଅଭିନେତ୍ରୀ।


ପିଙ୍କି


ଶିଶିର ମହାନ୍ତି

# ଆଉ ଜଣେ ନୂଆ ନିର୍ଦ୍ଦେଶକ

ଓଡ଼ିଆ ଯାତ୍ରା ଜଗତକୁ ଆଉ ଜଣେ ନୂଆ ନିର୍ଦ୍ଦେଶକଙ୍କ ପ୍ରବେଶ ଘଟିଛି। ସେ ହେଉଛନ୍ତି ଶିଶିର ମହାନ୍ତି। 'ଧଉଳି ଗଣନାଟ୍ୟ' ଦ୍ୱାରା ପ୍ରସ୍ତୁତ ତଥା ନୀହାର ମହାନ୍ତିଙ୍କ ରଚିତ ୨୦୧୯-୨୦ବର୍ଷର ନୂଆ ନାଟକ 'କାଳିଦାସଙ୍କର ନୂଆ କାହାଣୀ'ରେ ନିର୍ଦ୍ଦେଶନା ଦେଇ ସେ ତାଙ୍କ ଜଲିଉଡ୍ ଇନିଂସ ଆରମ୍ଭ କରିଛନ୍ତି। ନରସିଂହପୁରର ପାଇକ ବାରବାଟୀ ଗ୍ରାମରେ ଜନ୍ମ ହୋଇଥିବା ଶିଶିର ପିଲାଟିବେଳୁ ଯାତ୍ରା ପ୍ରତି ଆକୃଷ୍ଟ ହୋଇଥିଲେ। ନାଟ୍ୟଗୁରୁ ପ୍ରାଣକୃଷ୍ଣ ପତ୍ରୀ ହିଁ ଥିଲେ ତାଙ୍କର ପ୍ରଥମ ପଥ ପ୍ରଦର୍ଶକ। ପିଲା ବେଳେ ସ୍କୁଲ ଡ୍ରାମା ତଥା ଗାଁ ଯାତ୍ରାରେ ଅନେକଥର ଅଭିନୟ ମଧ୍ୟ କରିଥିଲେ। ତେବେ +୨ ପରେ ସେ ସିଧାସଳଖ ମୁହାଁଇଲେ ଯାତ୍ରା ଆଡ଼କୁ। ନନ୍ଦୁ ବାବୁ (ନନ୍ଦୁସାର) ତାଙ୍କୁ ନେଇ ଯାଇଥିଲେ ଉତ୍ତର ବାଲେଶ୍ୱର। ସେଠାକାର ଯାତ୍ରା ଅନୁଷ୍ଠାନ 'ଓମ୍ ଶ୍ରୀ'ରେ ସେ 'ଅଫେରା ବାଟ' ନାମକ ଏକ ନାଟକରେ ନିର୍ଦ୍ଦେଶନା ଦେଇଥିଲେ। ଏହା ଥିଲା ତାଙ୍କର ପ୍ରଥମ ଯାତ୍ରା ନିର୍ଦ୍ଦେଶନା। ଏହା ୨୦୧୧-୧୨ ମସିହାର ଘଟଣା। ତେବେ ଏହି ସମୟ ବେଳକୁ ସେ କେତେକ ବିଶିଷ୍ଟ ନିର୍ଦ୍ଦେଶକଙ୍କ ଅଧୀନରେ ସହନିର୍ଦ୍ଦେଶକ ବା ଆସିଷ୍ଟାଣ୍ଟ ଡିରେକ୍ଟର ଭାବରେ କାମ କରି ସାରିଥିଲେ। ସେମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ତଥା ଅଭିନେତା ସୁବୋଧ ମିଶ୍ର, ନିର୍ଦ୍ଦେଶକ ଯୋଗେନ୍ଦ୍ର ମଲ୍ଲିକ ଅନ୍ୟତମ। ଶିଶିର ବିଶ୍ୱନାଥ ଅପେରା, ତପସ୍ୱିନୀ ଅପେରା, ବାଣେଶ୍ୱରୀ ଗଣନାଟ୍ୟ, ଗୌରୀ ତଥା ତାରିଣୀ, ତାରାତାରିଣୀ ଆଦି ଉତ୍ତର ବାଲେଶ୍ୱର ଅନୁଷ୍ଠାନରେ ଆସିଷ୍ଟାଣ୍ଟ ତଥା ମୁଖ୍ୟ ନିର୍ଦ୍ଦେଶକ ଭାବରେ କାମ କରି ନିର୍ଦ୍ଦେଶନାର ବ୍ୟାକରଣ ହାସଲ କରି ସାରିଥିଲେ। ଏହି କାମ କରିବା ମଧ୍ୟରେ ତାଙ୍କର ସାକ୍ଷାତ ହୁଏ ସଙ୍ଗୀତ ନିର୍ଦ୍ଦେଶକ ଏକନ୍‌ଙ୍କ ସହିତ। ଏକନ୍ ହିଁ ତାଙ୍କୁ ନେଇ ନାଟ୍ୟକାର ନୀହାର ମହାନ୍ତିଙ୍କ ସହିତ ପରିଚିତ କରାନ୍ତି। ନୀହାରବାବୁ ହିଁ ଶିଶିରଙ୍କୁ ଆଣନ୍ତି ଧଉଳି ଗଣନାଟ୍ୟକୁ।

'କାଳିଦାସଙ୍କର ନୂଆ କାହାଣୀ' ଏକ ପ୍ରେତଶକ୍ତି ଆଧାରିତ କାହାଣୀ। ନାଟକଟିକୁ ନେଇ ବେଶ୍ ଖୁସି ଅଛନ୍ତି ଶିଶିର। ପେସାଦାର ମନୋଭାବ ସହିତ ଭଲ ନାଟକ କରିବାର ମନୋବୃତ୍ତି ରଖିଲେ ସବୁ ନାଟକ ଭଲ ହୋଇପାରିବ। ଏଥିସହିତ କଳାକାରମାନେ ନାଟ୍ୟକାର କିମ୍ବା ନିର୍ଦ୍ଦେଶକଙ୍କ କାର୍ଯ୍ୟରେ ହସ୍ତକ୍ଷେପ ନ କରି ନିଜର ଭୂମିକାକୁ ଠିକ୍ ଭାବରେ ନିର୍ବାହ କରିବାରେ ମନୋନିବେଶ କଲେ ଓଡ଼ିଆ ଯାତ୍ରା ଦର୍ଶକମାନଙ୍କୁ ଭରପୂର ମନୋରଞ୍ଜନ ଦେଇପାରିବ ବୋଲି କହନ୍ତି ଏହି ଯୁବକ। ସାମ୍ପ୍ରତିକ ଓଡ଼ିଆ ଯାତ୍ରାର ଗତି, ପ୍ରଗତି, ଅଧୋଗତିକୁ ନେଇ ନାନାଦି ପ୍ରସଙ୍ଗ ଉଠୁଥିବା ବେଳେ ଶିଶିରଙ୍କ ଭଳି ଉଦୀୟମାନ ଯୁବକମାନଙ୍କର ଯାତ୍ରାକୁ ପ୍ରବେଶ ନିଶ୍ଚିତ ଭାବରେ ଏକ ଶୁଭ ସୂଚନା – ଏକଥା ଅନସ୍ୱୀକାର୍ଯ୍ୟ।

# ଡାଏନୋସର କହିବ 'ହ୍ୟାଲୋ'!

ଧରାଯାଉ ଆପଣ ଫ୍ୟାମିଲି ସହିତ ଗୋଟିଏ ହୋଟେଲ୍ ବୁକ୍ କଲେ। ପରିବାରକୁ ଧରି ଯାଇ ସେଠାରେ ପହଞ୍ଚିଲେ। ଆଉ ଆପଣ ଖାଦ୍ୟ ପାଇଁ ବରାଦ କଲେ। କିଛି ସମୟ ପରେ କଲିଂ ବେଲ୍ ବାଜିଲା। ଆପଣ କବାଟ ଖୋଲିଲେ ତ ଆପଣଙ୍କ ଆଗରେ ଗୋଟେ ବିଶାଳ ଡାଇନୋସର। ଯିଏ ଆପଣଙ୍କୁ ହ୍ୟାଲୋ ବୋଲି କହୁଛି। ଭାବନ୍ତୁ, କ'ଣ ହେବ ଆପଣଙ୍କ ଅବସ୍ଥା। ଆପଣ ହୋଟେଲରେ ରହିବେ କ'ଣ ? ଖାଇବା ପାଇଁ ବରାଦ ଦେବେ କ'ଣ ? ଆପଣ କେମିତି ଜୀବନ ନେଇ ଆସିବେ ତା'ର ଠିକଣା ପାଇବେନି। ତେବେ ଏହା ତୁଚ୍ଛା ଗପ ନୁହେଁ। ଏମିତିକା ହୋଟେଲ୍‌ଟିଏ ଅଛି ଜାପାନର ନାଗାସାକି ସହରରେ। ଯେଉଁଠି ଡାଇନୋସର ଭଳି ବିଲୁପ୍ତ ଜୀବମାନଙ୍କୁ ହୋଟେଲ ସର୍ଭ କରିବାର ଦାୟିତ୍ୱ ଦିଆଯାଇଛି। ତେବେ ଏସବୁ ସତସତିକା ନୁହନ୍ତି ; ରୋବୋଟ୍। ଅବଶ୍ୟ ପୂର୍ବରୁ କଷ୍ଟମରମାନଙ୍କୁ ଏ ବିଷୟରେ ଅବଗତ କରେଇ ଦିଆଯାଏ। ଫଳରେ କୌଣସି ଅସୁବିଧା ହୁଏ ନାହିଁ। ଓଲଟି କଷ୍ଟମରମାନେ ଡାଇନୋସର ଅଥବା ବଡ଼ ବଡ଼ ବିଲୁପ୍ତ ପ୍ରାଣୀଙ୍କଠାରୁ ସର୍ଭିସ୍ ପାଇ ନିଜର ଛୁଟିକୁ ସ୍ମରଣୀୟ କରିପାରିଥାନ୍ତି।



# ବ୍ୟାକ୍ ପେଜ୍






## କାଠଗଣ୍ଡିର ଜୀବଜନ୍ତୁ

କାଠଗଣ୍ଡିର ଅନେକ ସ୍ଥାପତ୍ୟ ଦେଖିଥିବେ। ସ୍ପେନର କଳାକାର ଗେରାର୍ଡ ମାସ୍ କରିଥିବା କଳାକୃତିର କଥା କିନ୍ତୁ ଭିନ୍ନ। ବଡ଼ ବଡ଼ ଗଛର ଗଣ୍ଡି କାଟି ତାକୁ ଖୋଦେଇ କରି ସ୍ଥାପତ୍ୟ ଗଢନ୍ତି। ଆଉ ତାକୁ ସାଣ୍ଡ ପେପର୍‌ରେ ଘଷି ମସୃଣ କରନ୍ତି। ସେ ବିଶେଷକରି ଜୀବଜନ୍ତୁଙ୍କର ହିଁ ସ୍ଥାପତ୍ୟ ତିଆରି କରିଥାଆନ୍ତି। ପ୍ରତିମୂର୍ତ୍ତିଗୁଡିକରେ ନିଆଁ ଲଗାଇ ସାମାନ୍ୟ ପୋଡି ସେ ସେମାନଙ୍କ ଶରୀରରେ ଥିବା କଳା ରଙ୍ଗର ଲୋମ ତିଆରି କରିଥାଆନ୍ତି। ଫଳରେ ସେସବୁ ଲାଗନ୍ତି ବେଶ୍ ଜୀବନ୍ତ।

## ୭.୫ ଲକ୍ଷ ଟଙ୍କାର ଅଙ୍ଗୁରପେଣ୍ଡା

କୁହାଯାଏ ଖାଇ ନ ପାରିଲେ ଅଙ୍ଗୁର ଖଟା। ଏହି ଅଙ୍ଗୁର କ୍ଷେତ୍ରରେ ଠିକ୍ ସେମିତି କିଛି କୁହାଯାଇପାରେ। ଏହି ଅଙ୍ଗୁର ଦାନାର ଆକାର ଏକ ଛୋଟିଆ କ୍ରେଜି ବଲ୍ ଭଳି। ଗୋଟିଏ ଗୋଟିଏ ଅଙ୍ଗୁର ଦାନାର ଓଜନ ପ୍ରାୟ ୨୦ ଗ୍ରାମରୁ ଅଧିକ ହୋଇଥାଏ। ଆଉ ସ୍ୱାଦରେ ବେଶ୍ ମିଠା ଏବଂ ରସାଳ। ଏହି ଅଙ୍ଗୁରର ନାମ ହେଉଛି ରୁବି ରୋମନ। ତେବେ ଏତେ ସ୍ୱାଦିଷ୍ଟ ଅଙ୍ଗୁର ଖାଇବା ସଭିଙ୍କ ଭାଗ୍ୟରେ ଜୁଟିବ ନାହିଁ। କାରଣ ଏହାର ମୂଲ୍ୟ ଅବିଶ୍ୱସନୀୟ ଭାବେ ଅଧିକ। ଏହାର ଗୋଟିଏ ପେଣ୍ଡାର ମୂଲ୍ୟ ୭.୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ। ପେଣ୍ଡାରେ ୩୦ଟି ଅଙ୍ଗୁର ଦାନା ଥାଏ। ଅଙ୍ଗୁରର ଏହି ପ୍ରଜାତିକୁ ଜାପାନର ଇଶିକାୱା ପ୍ରାନ୍ତର କୃଷି ସହିତ ଜଡିତ ସହକାରୀ ସମିତି ତିଆରି କରିଛନ୍ତି। ଜାପାନରେ ହିଁ କେବଳ ଏହି ଅଙ୍ଗୁରର ଉତ୍ପାଦନ ହୋଇଥାଏ। ନିକଟରେ ଏଠାକାର କାନଜାୱାରେ ଥିବା ହୋଲ୍‌ସେଲ୍ ମାର୍କେଟରେ ନିଲାମୀ ଡକାଯାଇଥିଲା। ଏଥିରେ ଏହି ଅଙ୍ଗୁର ପେଣ୍ଡାକୁ ହ୍ୟାକୁରାକୁସୋ ନାମକ କମ୍ପାନୀ ୭.୫ ଲକ୍ଷ ଟଙ୍କାରେ କିଣିଥିଲା। ଉକ୍ତ କମ୍ପାନୀ ଜାପାନରେ ହୋଟେଲ ବ୍ୟବସାୟ ସହ ଜଡିତ।






## ପିଆନୋ ହାଉସ୍

ଚାଇନାର ଏହା ଏକ ସୁନ୍ଦର ବିଲ୍ଡିଂ, ଯେଉଁମାନେ ଉଭୟ ସଙ୍ଗୀତ ଓ ସ୍ଥାପତ୍ୟକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ ଏହି ଘର ଏକ ପ୍ରିୟ ଆର୍କିଟେକ୍ଚରାଲ ବିଲ୍ଡିଂ ଡିଜାଇନ୍ ସାବ୍ୟସ୍ତ ହେବ। ଏହାକୁ ଡିଜାଇନ କରିଛନ୍ତି ହେଫେଇ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର ସ୍ଥାପତ୍ୟ ବିଭାଗର ଛାତ୍ରମାନେ। ସେମାନେ ହୁଆଇନାନ ଫାଙ୍ଗକାଇ ଡେକୋରେଶନ୍ ପ୍ରୋଜେକ୍ଟ ସହ ମିଶି ୨୦୦୭ରେ ଏହାର ନିର୍ମାଣ କରିଥିଲେ। ବିଲ୍ଡିଂଟି କଳାରଙ୍ଗ ଓ ପାରଦର୍ଶୀ କାଚରେ ଡିଜାଇନ୍ କରାଯାଇଛି। ଏହାକୁ ସହରର ଆର୍ଥିକ ଓ ପର୍ଯ୍ୟଟନ ବ୍ୟବସ୍ଥାର ବିକାଶ ପାଇଁ ଗଢା ଯାଇଥିଲା। ଏଥିରେ ଥିବା ପିଆନୋରେ ବିଭିନ୍ନ ମହଲକୁ ଯିବା ପାଇଁ ଏସ୍କାଲେଟର ଓ ଶିଡି ରହିଛି। ବର୍ତ୍ତମାନ ଏହି ବିଲ୍ଡିଂ ଏକ ପର୍ଯ୍ୟଟନସ୍ଥଳ ପାଲଟିଯାଇଛି।